## ସଂକ୍ଷେପରେ

### ଅଧ୍ୟାପକ ଗିରଫ

ବାରିପଦା ଅଫିସ,୨୩।୮- ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ କୁଲିପୋଷି ଗ୍ରାମ ସ୍ଥିତ ରଘୁନାଥ ମହାବିଦ୍ୟାଳୟର ଅଧାପକ ନାରାୟଣ ମହାନ୍ତଙ୍କୁ କୋର୍ଟ ୱାରଣ୍ଟବଳରେ ଶୁକ୍ରବାର ପୋଲିସ ଗିରଫ କରିଛି। ଗିରଫ ପରେ ତାଙ୍କୁ ରାଇରଙ୍ଗପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ମାତ୍ର ଜାମିନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା କରଞ୍ଜିଆ ଥାନା ଅଧିକାରୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ତାଙ୍କ ନାମରେ ରାଇରଙ୍ଗପୁର ଏସଡିଜେଏମଙ୍କ କୋର୍ଟରେ ୪ଟି ମାମଲା ଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ତେବେ କେଉଁ ମାମଲାକୁ ଆଧାର କରି ତାଙ୍କୁ ଗିରଫ କରାଯାଇଛି ସେ ନେଇ ପୋଲିସ ସ୍ପଷ୍ଟ ତଥ୍ୟ ଦେଇ ନାହିଁ।

### ଛାତ୍ର ସଂସଦ ନିର୍ବାଚନ ବାତିଲକୁ ସ୍ୱାଗତ

ବାରିପଦା ଅଫିସ,୨୩।୮- ରାଜ୍ୟ ସରକାରଙ୍କ ତରଫରୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ମୟୂରଭଞ୍ଜ ଜିଲା ଛାତ୍ର ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ନିର୍ବାଚନ ବାତିଲ ହେଲେ ଶିକ୍ଷାନୁଷ୍ଠାନମାନଙ୍କରେ ଶାନ୍ତି ବଜାୟ ରହିବା ସହିତ ଅଣଛାତ୍ରମାନଙ୍କ ପ୍ରଦୁର୍ଭାବ କମିବ ଏବଂ ଚୟନ ବ୍ୟବସ୍ଥା ମାଧ୍ୟମରେ ମେଧାବୀ ଛାତ୍ରମାନେ ନେତୃତ୍ୱ ନେବାର ସୁଯୋଗ ପାଇବେ। କଲେଜ ନିର୍ବାଚନ ବେଳେ ହେଉଥିବା ଛାତ୍ର ହିଂସା ମଧ୍ୟ ବନ୍ଦ ରହିବ ବୋଲି ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୁନିଲ କୁମାର ନାୟକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ସେହିପରି ଜିଲା ଛାତ୍ର ବିଜେଡି ସଭାପତି ଅଭୟ ସିଂ, ରାଜ୍ୟ ସମ୍ପାଦକ ଅବଦୁଲ ହିବିବ, ରାଜ୍ୟ ଉପସଭାପତି ସଚିନ ମହାପାତ୍ର ଓ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଦୁର୍ଯ୍ୟୋଧନ ବେହେରା ଓ ଶଙ୍କର୍ଷଣ ପଣ୍ଡା ମଧ୍ୟ ଏହାକୁ ସ୍ୱାଗତଯୋଗ ପଦକ୍ଷେପ ବୋଲି କହିଛନ୍ତି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ରାଇରଙ୍ଗପୁର,୨୩।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ଯାମବଣୀ ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ଏକ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ଦୁର୍ଯ୍ୟୋଧନ ବେହେରାଙ୍କ ୪ବର୍ଷର ପୁଅ ଲକ୍ଷ୍ମି ବୋଲି ଜଣାପଡିଛି। ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଘର ପାଖ ଏକ ପୋଖରୀରେ ସେ ବୁଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ. ୬/୧୯) ରୁଜୁ ହୋଇଛି।

### ଦୁର୍ଗାପୂଜା କମିଟିର ମାଟି ପୂଜନ କାର୍ଯ୍ୟକ୍ରମ



ଉଦଳା,୨୩।୮(ଡି.ଏନ୍.ଏ.)- ଉଦଳା ଆମ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଦିବସରେ ଦେବୀ ଦୁର୍ଗାଙ୍କର ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶୁକ୍ରବାର ସକାଳେ ପୂଜା କମିଟିର ମୁଖ୍ୟ ପୁରୋହିତ ପଣ୍ଡିତ ବାପି ନନା ଏବଂ ସଦସ୍ୟମାନେ ସୋନ ନଦୀ ଜିରିଡା ଘାଟରେ ମାଟି ପୂଜନ କରିଥିଲେ। ଶଙ୍ଖ, ଘଣ୍ଟା, ନାମ ସଂକୀର୍ତ୍ତନ ଧ୍ୱନିରେ ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମଣ୍ଡପକୁ ମାଟି ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ କର୍ତ୍ତା ଭାବେ କମିଟିର ବରିଷ୍ଠ ସଦସ୍ୟ ମନୋଜ କୁମାର କମିଲା ପୂଜା କାର୍ଯ୍ୟ ସଂପନ୍ନ କରିଥିଲେ। ଏଥିରେ ବିଶ୍ୱଜିତ ନାୟକ, ପ୍ରଦୀପ ମହାନ୍ତି, ଅବୁଜ ବାରିକ, ଅମୀୟ କୁମାର ବଳ, ଅଶୋକ କୁମାର ଦାସ ଏବଂ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ।

# ତେଣ୍ଡା ଗାଁରେ ବିକାଶ ଅପହଞ୍ଚ

କପ୍ତିପଦା,୨୩।୮(ଡି.ଏନ୍.ଏ.)



ଚନ୍ଦନ ନାଳ ନିକଟରେ ଗ୍ରାମବାସୀଙ୍କ ସହିତ ଜିଲା ପରିଷଦ ଅଧକ୍ଷା।

■ଚୁଆ, ବିଲ ଓ ନାଳ ପାଣି ଲୋକଙ୍କ ଭରସା
■ଚନ୍ଦନ ନାଳ ସାଜୁଛି କାଳ
■ପରିଦର୍ଶନରେ ଗଲେ ଜିଲା ପରିଷଦ ଅଧକ୍ଷା

କପ୍ତିପଦା ବ୍ଲକର ଆଦିବାସୀ ଅଧ୍ୟୁଷିତ କଳମଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତେଣ୍ଡା ଗ୍ରାମ ଅପହଞ୍ଚ ଇଲାକା ପାଲଟିଛି। ପ୍ରଶାସନ କିମ୍ବା ରାଜନେତାଙ୍କର ପାଦ ପଡୁ ନ ଥିବା ଏହି ଗାଁକୁ ମୟୂରଭଞ୍ଜର କଳାପାଣି କୁହାଯାଉଛି। ଭୌଗୋଳିକ ଦୃଷ୍ଟିକୋଣରୁ ଗାଁର ପୂର୍ବରେ ଥିବା ଚନ୍ଦନ ନାଳ ବିକାଶର ବାଟ ଓଗାଳୁଛି। ଗାଁକୁ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ନାଳରେ ପାଣି ଭର୍ତ୍ତି ହୋଇଗଲେ ଏଠାକାର ଲୋକମାନଙ୍କୁ ଜଳବନ୍ଦୀ ଜୀବନ କାଟିବାକୁ ହୁଏ। ପଞ୍ଚାୟତର ଶ୍ରୀପଦମଞ୍ଜରୀପୁରଠାରୁ ପାଦଚଲା ରାସ୍ତାରେ ୫ କି.ମି. ଗଲେ ପଡ଼େ ଏହି ଦୁର୍ଗମ ଗ୍ରାମ। କଳମଗଡ଼ିଆ ପଞ୍ଚାୟତର ୫ ନଂ. ୱାର୍ଡ଼ର ୩୦ଟି ପରିବାରର ୧୮୪ ଜଣ ଓ ସରଡ଼ିହା ପଞ୍ଚାୟତର ୧୫ଟି ପରିବାରର ୧୨୦ ଜଣ ଏଠାକାର ସ୍ଥାୟୀ ବାସିନ୍ଦା। ବିଶେଷ କରି କୋହ୍ଲ ସମ୍ପ୍ରଦାୟର ଜନସାଧାରଣ ଏଠାରେ ବସବାସ କରୁଛନ୍ତି। ଉକ୍ତ ଅଞ୍ଚଳକୁ ଲାଗି ରହିଛି କେନ୍ଦୁଝର ଜିଲାର ହାଟଡ଼ିହି ବ୍ଲକ୍ ଅଧୀନ ମଲ୍ଲୀପୋଷି,ସରମୁଣ୍ଡି, ପିତାନାଉ ଓ ବାଲିପାଳ ଗାଁ। ପଶ୍ଚିମରେ କେନ୍ଦୁଝର ଜିଲାର ହାଟଡ଼ିହି ବ୍ଲକ୍, ଉତ୍ତରରେ ବିସ୍ତୃତ ଜଙ୍ଗଲ ରହିଥିବାବେଳେ ଦକ୍ଷିଣ ଦିଗରେ ଗ୍ରାମକୁ ଲାଗି ରହିଛି ଶୁକୁଆପଟା ଗାଁ ଓ ହଦଗଡ଼ ଡ୍ୟାମ। ବନ୍ୟଜନ୍ତୁଙ୍କ ସହିତ ସାଥି ହୋଇ ଏହି ପରିବାରଗୁଡ଼ିକ ଜୀବନ ବିତାଉଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଗାଁରେ ବିଦ୍ୟାଳୟ ନ ଥିବାରୁ ଅଙ୍ଗନୱାଡ଼ିରୁ ପାଠ ପଢ଼ା ସରିଲେ ପିଲାଙ୍କ ଶିକ୍ଷାରେ ଡ଼ୋରି ବନ୍ଧାହୁଏ। ଚୁଆ, ବିଲ ଓ ନାଳର ପାଣି ଅଦ୍ୟାବଧି ଗାଁ ଲୋକଙ୍କ ଜୀବନ ବଞ୍ଚାଇଛି। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି ଭଳି କୁତ୍ସିତ ମାନସିକତା ଏବେବି ଏଠାରେ ରହିଛି । କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା। ଯେଉଁଠି ସର୍ବନିମ୍ନ ମୌଳିକ ସୁବିଧା ସ୍ୱପ୍ନ, ସେଠି ବିଜୁଳି ଆଲୁଅ କଥା କେବେବି ଚିନ୍ତା କରିନାହାନ୍ତି ଗ୍ରାମବାସୀ। ୨୦୧୨ ମସିହାରେ ଖୋଲାଯାଇଥିବା ଏକ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଘର ନ ଥିବାରୁ ଏକ ପରିତ୍ୟକ୍ତ ପଲାରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର। ପାଚିକା ନିଯୁକ୍ତି ହୋଇ ନ ଥିବାରୁ ଶିକ୍ଷୟିତ୍ରୀ ନିଜେ ରାନ୍ଧି ପିଲାଙ୍କୁ ଖାଇବାକୁ ଦେଉଛନ୍ତି। ପୁରୁଷ ପୁରୁଷ ଧରି ଜଙ୍ଗଲ ଜମି ଦଖଲ କରିଥିବା ପରିବାରଙ୍କୁ ମଧ୍ୟ ଏଠାରେ ମିଳିନି ଜଙ୍ଗଲ ଜମି ପଟ୍ଟା। ଫଳରେ ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣପତ୍ର ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏମାନେ। ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି। ଦିନେ ଜଙ୍ଗଲ ନ ଗଲେ ଘରେ ଚୁଲି ଜଳୁ ନ ଥିଲା। ମାତ୍ର ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଲାଗୁପରେ ରିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାର ଲୋକଙ୍କ ଆହାର ଉପରେ ପାହାର ପଡ଼ିଛି। ଦନା ଓ ଖଲି ତିଆରି କରି ୧୨ କି.ମି. ଆସି ବିକ୍ରି କଲେ ପରିବାର ମୁହଁକୁ ଦାନା ଯାଉଛି।

ଏହିଳି ଅପହଞ୍ଚ ଇଲାକା ସମ୍ପର୍କରେ ଜାଣି ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ ୫ କି.ମି. ବାଟ ହୁଡି ପାହାଡ ରାସ୍ତାରେ ପାଦରେ ଚାଲିଚାଲି ସେଠାରେ ପହଞ୍ଚିଥିଲେ। ତାଙ୍କ ସହିତ ଆଇଟିଡ଼ିଏ ପିଓ ବିଧାନ ଚନ୍ଦ୍ର ରାୟ, ସହକାରୀ ଯନ୍ତ୍ରୀ, ୪ ନଂ.ଜିଲା ପରିଷଦ ସଦସ୍ୟା ଜିଜ୍ମଣି ନାୟକ ଓ ପୂର୍ବତନ ସରପଞ୍ଚ ମାର୍କଣ୍ଡ ହେମ୍ବ୍ରମ ପ୍ରମୁଖ ଯାଇ ସେମାନଙ୍କ ସମସ୍ୟା ଶୁଣିବା ପରେ ଗାଁର ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଅଧକ୍ଷା ଗାଁ ଲୋକଙ୍କଠାରୁ ବିକାଶ ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ପରିଷଦ ଅଧକ୍ଷା କୁହନ୍ତି, ରାଜ୍ୟ ସରକାର ବିକାଶର ନାରା ଦେଉଥିବାବେଳେ ସ୍ୱାଧୀନତାର ୭୩ବର୍ଷ ପରେ ଲୋକମାନେ ପଶୁ ଭଳି ଜୀବନ ବିତାଇବା ପରିତାପର ବିଷୟ। ଖୁବଶୀଘ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବି । ପିଏଆଇଟିଡ଼ିଏ ବିଧାନ ଚନ୍ଦ୍ର ରାୟ ଗାଁକୁ ବିକଳ୍ପ ରାସ୍ତା ଖୋଲାଯାଇ ପାରିଲେ ଗ୍ରାମର ବିକାଶ ହୋଇପାରିବ ବୋଲି କହିଛନ୍ତି।

# ଜନ୍ମାଷ୍ଟମୀ ବେଶ ପ୍ରତିଯୋଗିତା

ଉଦଳା, ୨୩।୮ (ଡି.ଏନ୍.ଏ.)

ଜନ୍ମାଷ୍ଟମୀରେ ଉଦଳା ବ୍ଲକ ଅଧୀନ ଊଦ୍ଦିଆକୁଳ ଗ୍ରାମ ଉତ୍ତରମୁଖର ହୋଇ ଉଠିଛି। ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର, ଭାଗବତ ଟୁଙ୍ଗୀ, ହରିହାଟ ସେବାଗୃହରେ ମହିଳା ଶ୍ରଦ୍ଧାଳୁମାନେ ଦିବସ ବ୍ୟାପୀ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ବିଶେଷକରି ନାମ ସଂକୀର୍ତ୍ତନରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ପଡ଼ିଥିବା ବେଳେ ଗ୍ରାମରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। ଶନିବାର ଗ୍ରାମରେ ନନ୍ଦ ଉତ୍ସବ ପାଳନ କରିବା ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସେହିଭଳି ଉଦଳା ଜଗନ୍ନାଥ ମନ୍ଦିର, ଗୌଡୀୟ ମଠ, ନୂଆବାଡ଼ି ଯୋଗେଶ୍ୱର ପୀଠର ରାଧାକୃଷ୍ଣ ମନ୍ଦିରରେ ପୂଜା ନିମନ୍ତେ ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟିର ସଭାପତି ଶ୍ୟାମସୁନ୍ଦର ପଣ୍ଡା ଏବଂ ଭକ୍ତିଜ୍ଞାନ ସଞ୍ଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ ଏଥିରେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଠାକୁରମୁଣ୍ଡା

ଠାକୁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଶ୍ରୀକୃଷ୍ଣ, ରାଧା, ନନ୍ଦ ବାସୁଦେବଙ୍କ ବେଶ ହୋଇଥିଲେ। ଏଥି ସହିତ ସେମାନଙ୍କୁ ନେଇ ଜନ୍ମାଷ୍ଟମୀ ଉପରେ କୁଇଜ ପ୍ରତିଯୋଗିତା ହୋଇଥିଲା ।

### କୋଷ୍ଠା

କୋଷ୍ଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଶିଶୁ ଭାଇ ଭଉଣୀମାନେ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ସ୍ଥାନୀୟ ବନବିହାରୀ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଶିଶୁ ମନ୍ଦିରର ବୌଦ୍ଧିକ ମଣ୍ଡପରେ ଜନ୍ମାଷ୍ଟମୀ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ପରିଚାଳନା ସମିତିର ସମ୍ପାଦକ ଅରୁଣ କୁମାର ଦତ୍ତ ଯୋଗ ଦେଇଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### କୁଆମରା

ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗମୋହନ ବେହେରା ଯୋଗଦେଇଥିଲେ। ପରିଚାଳନା ପରିଷଦ ସମ୍ପାଦକ କୁଳମଣି ବେହେରା,ଅସୀତ ନାୟକ, ନିଗମାନନ୍ଦ ମହାପାତ୍ର, ଉଜ୍ଜଳ କୁମାର ସେନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଇରଙ୍ଗପୁର

ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ରାଇରଙ୍ଗପୁର ସହରାଞ୍ଚଳ ରାଧାକୃଷ୍ଣ ମନ୍ଦିର, ମାଉସୀ ମା' ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ପୀଠସ୍ଥଳରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହା ବ୍ୟତୀତ ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନର ଅଧ୍ୟାପନରତ ଛାତ୍ରଛାତ୍ରୀ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଥିଲା।

### ବଡ଼ସାହି

ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ର (ଆବାସିକ)ଠାରେ ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ କୃଷ୍ଣ ଓ ରାଧାବେଶ ସହିତ ଆଧ୍ୟାତ୍ମିକ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ, ରଞ୍ଜିତ ମହାନ୍ତି, ଯୋଗେଶ୍ୱର ସାହୁ, ବୀଣାପାଣି ବାରିକ ଓ ବର୍ଷା ଗୁରୁମା ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଅଧକ୍ଷତାରେ କୃଷ୍ଣବେଶ ଓ ଆଧ୍ୟାତ୍ମିକ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫେସର କାଳୀକୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଜନ୍ମାଷ୍ଟମୀର ତାତ୍ପର୍ଯ୍ୟ ସମ୍ପର୍କରେ ପଣ୍ଡିତ ଅଲେଖ ସାମନ୍ତରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ ଗୁରୁଜୀ ପ୍ରଭଞ୍ଜନ ମହାପାତ୍ର ଓ ସଞ୍ଜୀବ କୁମାର କର ପରିଚାଳନା କରିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଗୀତା ଷଡ଼ଙ୍ଗୀ, ରଞ୍ଜନ ଜେନା, ନୀଳକଣ୍ଠ ମହାନ୍ତି ଓ ମାନସ ରଞ୍ଜନ ରଥ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡା.କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ବୈଶିଙ୍ଗା

ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସେଣ୍ଟ ଜାଭିୟର ହାଇସ୍କୁଲରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନେ ରାଧାକୃଷ୍ଣ ବେଶରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ।



ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପିଲାମାନଙ୍କ ଦ୍ୱାରା ରାଧାକୃଷ୍ଣ ବେଶ ପ୍ରତିଯୋଗିତା।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ମୁଖ୍ୟବକ୍ତା ଭାବେ ମୁନିଲାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ପରିଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁରୁଷୋତ୍ତମ ପଣ୍ଡା, ସମ୍ପାଦକ ସରୋଜ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶୈଳେନ୍ଦ୍ର କୁମାର ପଣ୍ଡା, ପୁଷ୍ପଜିତ ପରିଡା, ଶଶଧର ବାରିକ ଓ ନରସିଂହ ଚରଣ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଜାଭିୟର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ମିଶ୍ର, ପରିଚାଳନା କମିଟିର ସଭାପତି ପଙ୍କଜ କୁମାର ପଣ୍ଡା, ସଭ୍ୟ ରତନ ଦାଶ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସିଲିକାରାଣୀ, ଗୁନି, ଭାଗ୍ୟଶ୍ରୀ, ଶୁଭସ୍ମିତା ଏବଂ ସ୍ୱରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କପ୍ତିପଦା

କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡିହାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟାମୀ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଉତ୍ସବ ଭାଲୁହୁରୁଡା ଓ ପୋଟଳଡିହା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଚୈତନ୍ୟ ଦଳେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା କମିଟିର ସମ୍ପାଦକ ଗୌରଚନ୍ଦ୍ର ସାହୁ, ଉପ ସଭାପତି ପ୍ରତାପ ଚନ୍ଦ୍ର ଖଟୁଆ ବିଦ୍ୱତ ପରିଷଦର ସଭାପତି ବନମାଳୀ ବେହେରା ଓ କୋଷାଧକ୍ଷ ରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଶାନ୍ତନୁ କୁମାର ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶିକ୍ଷାନୁଷ୍ଠାନରେ ପ୍ରତିଭା ଅନ୍ୱେଷଣ

ବାରିପଦା ଅଫିସ,୨୩।୮



କୃତୀ ପ୍ରତିଯୋଗୀ ଓ ଅତିଥୀ ବୃନ୍ଦ।

ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଏକ ଗଳ୍ପ ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରହରି ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରତିଷ୍ଠାନର ସଭାପତି ଡ.ପାର୍ଥସାରଥୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀ ମାନେ ସମାଜର ପୂଜ୍ୟା ଅଟନ୍ତି, ସେମାନଙ୍କର ଇଚ୍ଛାଶକ୍ତି ଦୃଢ଼ ହେଲେ ସେମାନେ ଯେ କୌଣସି ଅସାଧ ସାଧନ କରିପାରିବେ ବୋଲି କହିଥିଲେ। ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଲାମାନଙ୍କ ଭିତରେ ଥିବା ସୃଜନଶକ୍ତିର ବିକାଶ ପାଇଁ ପତ୍ରିକା ତରଫରୁ ନବ ପ୍ରତିଭା ସୃଜନୀ ପ୍ରୟାସ ନାମକ କାର୍ଯ୍ୟକ୍ରମ ପ୍ରତି ବିଦ୍ୟାଳୟରେ ଆୟୋଜନ କରାଯାଇ ନୂତନ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଉଛି ବୋଲି କହଥିଲେ। କବିତା ଲିଖନ ପ୍ରତିଯୋଗିତାରେ ଇଶା ଗିରି ପ୍ରଥମ, ଶୁଚିସ୍ମିତା ଶତପଥୀ ଦ୍ୱିତୀୟ ଓ ରାନୁ ଧଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗଳ୍ପ ଲିଖନ ପ୍ରତିଯୋଗିତାରେ ପୁଷ୍ପିତା ପଡ଼ିଆରୀ ପ୍ରଥମ, ତପସ୍ୱିନୀ ଦାସ ଦ୍ୱିତୀୟ ଓ ପ୍ରୀତି ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରତିଷ୍ଠାନ ତରଫରୁ ପ୍ରଶଂସାପତ୍ର, ଟ୍ରଫି ଓ ଶ୍ରୀମଦ ଭଗବତ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଶିକ୍ଷକ ଡ.ଭକ୍ତହରି ମହାନ୍ତି, ରାମଚନ୍ଦ୍ର ନାଥ ଶର୍ମା, ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ, ମୀନାକ୍ଷି ନନ୍ଦୀ, ବିଜୟଲକ୍ଷ୍ମୀ ମିଶ୍ର ଓ ପ୍ରତିମାରାଣୀ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ଠାକୁରମୁଣ୍ଡା ବ୍ଲକ ସମ୍ମାନିତ

ଠାକୁରମୁଣ୍ଡା,୨୩।୮(ଡି.ଏନ୍.ଏ.)

ବ୍ୟାଙ୍କ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀ ସଂଯୋଗୀକରଣ କ୍ଷେତ୍ରରେ ଠାକୁରମୁଣ୍ଡା ବ୍ଲକ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ବ୍ଲକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ୪ଟି ଶାଖା, ଷ୍ଟେଟ ବ୍ୟାଙ୍କର ୩ ଟି ଶାଖା ଓ ବ୍ୟାଙ୍କ ଅଫ ଇଣ୍ଡିଆର ଗୋଟିଏ ଶାଖା ମାଧ୍ୟମରେ ୫୦୦ଟି ଏସଏଚଜିକୁ ୭,୬୮,୨୭୦୦୦ ଟଙ୍କା ଋଣ ପ୍ରଦାନ କରି ଓଡ଼ିଶା ଜୀବିକା ମିଶନ ସଫଳ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୪୬୩ ଟି ଗ୍ରୁପକୁ ଋଣ ପ୍ରଦାନ କ୍ଷେତ୍ରରେ ଥିବା ଲକ୍ଷ୍ୟ ଠାରୁ ଅଧିକ ଋଣ ପ୍ରଦାନ କରି ପାରିଛି । ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ନିମନ୍ତେ ଠାକୁରମୁଣ୍ଡା ବ୍ଲକ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥିନେଇ ଗତ ୨୦ ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଏକ ସତନ୍ତ୍ର ଉତ୍ସବରେ ଠାକୁରମୁଣ୍ଡା ବିଡିଓ ଜୟ କୁମାର ନାୟକ ଡିଆରଡିଏ ପି.ଡି ଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଜୀବିକା ମିଶନର ସଂଯୋଜକ ରମଣି ରଞ୍ଜନ ଓଝା, ନବାର୍ଡ ଏଜିଏମ ସ୍ମୃତିରଞ୍ଜନ ପଟ୍ଟନାୟକ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।

# 'ଭାରତ ବର୍ଷର ମହାନ ସଂସ୍କୃତି ସଂସ୍କୃତ ଭାଷାରେ ପରିପୁଷ୍ଟ'

ଉଦଳା,୨୩।୮(ଡି.ଏନ୍.ଏ.)

**କପ୍ତିପଦା ଉପଖଣ୍ଡସ୍ତରୀୟ ସଂସ୍କୃତ ଦିବସ ପାଳିତ**

ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କପ୍ତିପଦା ଉପଖଣ୍ଡ ଏବଂ ଉଦଳା ଶାଖା ସହଯୋଗରେ ଶୁକ୍ରବାର ଉଦଳା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ସଂସ୍କୃତ ସଂଘର ସଭାପତି ଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସନାତନ ରାଉତ, ହରିହର ତ୍ରିପାଠୀ ଏବଂ ସନାତନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଉଦଳା ବ୍ଲକ ଅଧିନରେ ଥିବା କୁଣ୍ଡାବାଇ ପଞ୍ଚାୟତ ହାଇସ୍କୁଲର ସଂସ୍କୃତ ଶିକ୍ଷକ ନିରଞ୍ଜନ ବାରିକ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଦାୟିତ୍ୱ ସଂପାଦନ କରିଥିଲେ । ଉପସ୍ଥିତ ଅତିଥିଗଣ ତାଙ୍କର ବକ୍ତବ୍ୟରେ ଭାରତ ବର୍ଷର ମହାନ ସଂସ୍କୃତି କିପରି ସଂସ୍କୃତ ଭାଷାରେ ପରିପୁଷ୍ଟ, ବେଦ ବେଦାନ୍ତ, ଉପନିଷଦ, ଯୋଗଶାସ୍ତ୍ର, କର୍ମକାଣ୍ଡ ଆଦି ଜାଣିବା ପାଇଁ ସଂସ୍କୃତ ଭାଷାର ଆବଶ୍ୟକତା ବୋଲି କହିଥିଲେ। ଏହି ଅବସରରରେ ଖୁଣ୍ଟା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ସନାତନ ପରିଡାଙ୍କୁ ଗୀତା ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସ ଉପଲକ୍ଷେ ଆୟୋଜିତ ଗୀତା ପାଠ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଭାବେ ସ୍ୱାତି ସାଗରିକା ପଣ୍ଡା, ଏଲରା ହାତୀ ଏବଂ ବୀଣା ମୁର୍ମୁଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଦଳା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ।

ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୨ ଶୌଚାଳୟ ଉଦ୍‌ଘାଟିତ

ଉଦଳା,୨୩।୮(ଡି.ଏନ୍.ଏ.)

ଉଦଳା ଏନଏସି ଦ୍ୱାରା ନିର୍ମିତ ୨ଟି ଶୌଚାଳୟକୁ ଶୁକ୍ରବାର ବିଧାୟକ ଭାସ୍କର ମଢେଇ ଉଦଘାଟନ କରିଛନ୍ତି। ସ୍ଥାନୀୟ ମେଡିକାଲ ରୋଡ ଏବଂ ସରସ୍ୱତୀ ମାର୍କେଟରେ ଏହି ଶୌଚାଳୟନିର୍ମାଣ କରାଯାଇଥିଲା। ମେଡିକାଲ ରୋଡରେ ନିର୍ମାଣଧୀନ ଶୌଚାଳୟର ବ୍ୟୟ ଅଟକଳ ୩ ଲକ୍ଷ ୯୬ ହଜାର ଟଙ୍କା ଏବଂ ସରସ୍ୱତୀ ମାର୍କେଟର ଶୌଚାଳୟ ନିର୍ମାଣ ବ୍ୟୟ ଅଟକଳ ୫ ଲକ୍ଷ ଟଙ୍କାରେ ସଂପନ୍ନ କରାଯାଇଥିବା ଏନଏସି ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଜେଡି ନଗର ସଭାପତି ବନମାଳୀ ବେହେରା, ଭାଜପା ସହର ସଭାପତି ଧୀରେନ୍ଦ୍ର ଖଣ୍ଡେଲୱାଲ, ବଣିକସଂଘ ସଭାପତି ରବିନ୍ଦ୍ର ପରିଡା, ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ।



# ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଦାବିପତ୍ର

ବାରିପଦା ଅଫିସ,୨୩।୮



ଯୁବ ସାମଜିକ କର୍ମୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ରାଜ୍ୟର ସର୍ବପୁରାତନ ସହର ଭାବେ ବିବେଚିତ ବାରିପଦା ସହରରେ ଏବେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ଏଥିରେ ସୁଧାର ଆଣିବା ପାଇଁ ନା ଜିଲା ପ୍ରଶାସନ ନା ପୋଲିସ ପ୍ରଶାସନ କେହିବି ଉଦ୍ୟମ କରୁ ନାହାନ୍ତି। ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ କିଛି ଯୁବ ସାମଜିକ କର୍ମୀ ଦାବି କରିଛନ୍ତି। ଯୁବ ସାମଜିକ କର୍ମୀ ବିପ୍ଳବ କୁମାର ଦାଶ ଓ ଉତ୍ତମ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ସମ୍ପର୍କିତ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଦାବି ମୁତାବକ ଛଉ ପଡିଆ ସ୍ଥିତ ଅରବିନ୍ଦ ସ୍କୁଲ ନିକଟରେ ଏକ ଟ୍ରାଫିକ ପୋଷ୍ଟ ସ୍ଥାପନ, ପ୍ରାଣୀ ଚିକିତ୍ସାଳୟରୁ ଖିମଜୀ ରାସ୍ତାରେ ଥିବା ବେଆଇନ ପାର୍କିଂକୁ ନିୟନ୍ତ୍ରିତ କରିବା, ସତ୍ୟସାୟୀ ଛକରୁ ଦାରୋଗାଡାହି ମଧ୍ୟରେ ଥିବା ବେଆଇନ ପାର୍କିଂ ଉଚ୍ଛେଦ, ଉଠା ଦୋକାନିଙ୍କ ଥିଆନ କରିବା ଏବଂ ସହରରେ ଥିବା ବଡ ବଡ ସପିଂମଲ୍ ଗୁଡିକର ପାର୍କିଂ ବ୍ୟବସ୍ଥା ଯାଞ୍ଚ କରିବା ଦାବି କରିଥିଲେ। ସେହିପରି ଛଉ ପଡିଆରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉ ଥିବାରୁ ଏ ଦିଗରେ ମଧ୍ୟ ଦୃଷ୍ଟି ଦେବାକୁ ସେମାନେ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ନିକମ କୁମାର, ଶୈଳେଶ ଗିରି, ଦୀପକ ପାତ୍ର ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ DHARITRI
ବାଲେଶ୍ୱର, ଶନିବାର, ୨୪ ଅଗଷ୍ଟ, ୨୦୧୯



## ଆଜି କ'ଣ କେଉଁଠି

**ଭଦ୍ରକ**

- ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ, ସ୍ଥାନ: ଜିଲା ଯାଦବ ଭବନ, ଚୁନିଦା, ସମୟ: ପୂର୍ବାହ୍ନ ୧୦ଟା।
- ତିନିଦିନିଆ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: କୁଆଁସ ମନ୍ଦିର, ଭଦ୍ରକ, ସମୟ: ସକାଳ ୮ଟା।

## ସଂକ୍ଷେପରେ

### ଧାମରା ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ

**ଚାନ୍ଦବାଲି, ୨୩।୮ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମରାରେ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ପାଇଁ ଆବଶ୍ୟକ ଜମି ଚିହ୍ନଟ କରାଯାଇଛି। ଧାମରା ମାଛଧରା ଜେଟି ଓ ଧାମରା ବଜାର ନିକଟସ୍ଥ ପ୍ରାୟ ୧ ଏକର ୬୦ ଡିସିମିଲ ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ସ୍ଥିର କରାଯାଇଛି। ବିଧାୟକ ବ୍ୟୋମକେଶ ରାୟଙ୍କ ଉପସ୍ଥିତିରେ ଜମି ଚିହ୍ନଟ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଧାମରା ସରପଞ୍ଚ ପ୍ରିୟରଞ୍ଜନ ଜେନା, ବଳଭଦ୍ର ଲେଙ୍କା, ଅଶୋକ ଜାନା, ଅଭିମନ୍ୟୁ ରାଉତ, ବନବିହାରୀ ମାଇତି, ରମେଶ ନାୟକ ଓ ଅନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ ସ୍ୱାମୀ ସମେତ ୭ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ, ୨୩।୮ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ବୋଧପଡ଼ା ଗ୍ରାମର ବିଜୟଲକ୍ଷ୍ମୀ କୁଅଁର ନାମ୍ନୀ ଜଣେ ମହିଳା ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତାଙ୍କ ସ୍ୱାମୀ ସମେତ ୭ଜଣଙ୍କ ନାଁରେ ମାମଲା(ନଂ.୧୨୭/୧୯) ରୁଜୁ କରିଛି। ବିଜୟଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୨ ମସିହାରେ ସେ ଏହି ଗ୍ରାମର ରାଜେନ୍ଦ୍ର କୁଅଁରଙ୍କୁ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ତାଙ୍କ ବାପଘର ଲୋକ ଯୌତୁକ ଦେଇଥିଲେ। ପରେ ତାଙ୍କର ଏକ ଝିଅ ହେବାରୁ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଦାବି କରି ନିର୍ଯାତନା ଦିଆଯାଇ ଆସୁଛି। ଏହି ଅଭିଯୋଗ କ୍ରମେ ପୋଲିସ ରାଜେନ୍ଦ୍ରଙ୍କ ସମେତ ୭ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜିଲାରେ ୧୭, ୮୮୨ ହିତାଧିକାରୀ ଅଯୋଗ୍ୟ

**ଭଦ୍ରକ ଅଫିସ, ୨୩।୮**

କାଳିଆ ଯୋଜନାରେ ଟଙ୍କା ପାଇବା ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସତେ ଯେପରି ଏକପ୍ରକାର ପ୍ରତିଯୋଗିତା ଲାଗିରହିଥିଲା। ଭଦ୍ରକ ଜିଲାରେ ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ଦୁଇଥର କାଳିଆ ଯୋଜନା ଟଙ୍କା ପ୍ରଦାନ କରାଯାଇ ସାରିଛି। ଜିଲାରେ ମୋଟ ୧, ୬୫, ୫୪୨ ଚାଷୀଙ୍କୁ ଦୁଇଥର ଲେଖାଏ ଅନୁକମ୍ପା ରାଶି ମିଳିଛି। ତୃତୀୟ ପର୍ଯ୍ୟାୟରେ ଟଙ୍କା ମିଳିବା ପୂର୍ବରୁ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଜିଲାସ୍ତରରେ ନିର୍ଦ୍ଦିଷ୍ଟ ଭାବେ ଏକ କମିଟି କରାଯାଇଛି। ଏହି କମିଟି ବ୍ଲକସ୍ତରୀୟ କମିଟି ମାଧ୍ୟମରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିଛି। ଏହି ଜିଲାରେ ୧୭, ୮୮୨ ହିତାଧିକାରୀ ଅଯୋଗ୍ୟ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅଯୋଗ୍ୟ ତାଲିକା ମଧ୍ୟରେ ସବା ଆଗରେ ବାସୁଦେବପୁର ବ୍ଲକ ରହିଛି।

ମିଳିଥିବା ସୂଚନା ମୁତାବକ ବାସୁଦେବପୁର ବ୍ଲକରେ ମୋଟ ୨୮,୭୧୪ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିବା ବେଳେ ସେଥିରୁ ୨୦,୮୮୯ ଜଣ ଯୋଗ୍ୟ ଓ ୫,୮୪୧ ଅଯୋଗ୍ୟ ବୋଲି ଅଦ୍ୟାବଧି ଚିହ୍ନଟ ହୋଇଛନ୍ତି। ସେହିଭଳି ଭଦ୍ରକ ବ୍ଲକରେ ମୋଟ ୨୦, ୩୪୦ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୭, ୩୩୬ ଜଣ ଯୋଗ୍ୟ ଓ ୮୯୨ ଜଣ ଅଯୋଗ୍ୟ ବୋଲି ଚିହ୍ନଟ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକରେ ସାମିଲ ଥିବା ୧୫,୯୩୫

**କାଳିଆ ଯୋଜନା**
- ବାସୁଦେବପୁରରେ ସର୍ବାଧିକ
- ଅଯୋଗ୍ୟ ହେଲେଣି ଛାନିଆ

ହିତାଧିକାରୀଙ୍କ ମଧ୍ୟରୁ ୧୨,୬୬୯ ଜଣ ଯୋଗ୍ୟ ଓ ୨,୯୨୦ ଜଣ ଅଯୋଗ୍ୟ, ବନ୍ତରେ ୨୦,୧୦୬ ଜଣଙ୍କ ମଧ୍ୟରୁ ୧୭,୦୮୩ ଯୋଗ୍ୟ ଓ ୨,୧୮୭ ଜଣ ଅଯୋଗ୍ୟ, ଚାନ୍ଦବାଲିରେ ୩୦,୧୨୨ ହିତାଧିକାରୀଙ୍କ ଭିତରୁ ୨୭,୯୨୧ ଜଣ ଯୋଗ୍ୟ ଓ ୧, ୭୫୧ ଅଯୋଗ୍ୟ ତାଲିକାରେ ଅଛନ୍ତି। ଧାମନଗର ବ୍ଲକରେ ୨୨,୨୭୬ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଥିବା ବେଳେ ୧୮, ୮୫୩ ଜଣ ଯୋଗ୍ୟ ଓ ୨, ୬୫୫ ଅଯୋଗ୍ୟ, ତିହିଡ଼ିରେ ୨୮,୦୪୯ ହିତାଧିକାରୀଙ୍କ ମଧ୍ୟରୁ ୨୪,୯୨୫ଜଣ ଯୋଗ୍ୟ ଓ ୧, ୬୩୬ ଅଯୋଗ୍ୟ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ପରେ ଅଯୋଗ୍ୟମାନେ ଛାନିଆ ହୋଇପଡ଼ିଲେଣି। ସବିଶେଷ ତଥ୍ୟ ଅନୁଯାୟୀ ଜିଲାରେ ତୃତୀୟ ପର୍ଯ୍ୟାୟ ଟଙ୍କା ପାଇବା ପୂର୍ବରୁ ୧, ୭୪, ୬୫୦ ଚାଷୀ ନୂଆ ଆବେଦନକାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଅଯୋଗ୍ୟ ବାହାରିବେ। ଯାଞ୍ଚ ହେବା ପରେ ସ୍ପଷ୍ଟ ହେବ ବୋଲି ଜଣେ ଜିଲାସ୍ତରୀୟ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି କହିଛନ୍ତି, ରାଜ୍ୟ ସରକାର ଭୋଟ ହାତେଇବା ପାଇଁ ଏହି ଯୋଜନା କରିଥିଲେ। ଯୋଗ୍ୟ ଓ ଅଯୋଗ୍ୟଙ୍କୁ ଟଙ୍କା ଦେଇସାରିବା ପରେ ଏଭଳି ଚିହ୍ନଟ କରିବା ହାସ୍ୟାସ୍ପଦ ବୋଲି ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

# କର୍ମଚାରୀ ଅଭାବ, ହୋଇପାରୁନି ଉନ୍ନୟନ କାର୍ଯ୍ୟ

**ବନ୍ତ, ୨୩।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ସଦର ମହକୁମାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରହିଛି। ଏହି ବ୍ଲକରେ ପୂର୍ବରୁ ୨୨ଟି ପଞ୍ଚାୟତ ଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ୩ଟି ପଞ୍ଚାୟତ ବୃଦ୍ଧି ପାଇ ୨୫ରେ ପହଞ୍ଚିଛି। ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକମାନଙ୍କୁ ନିଯୁକ୍ତ କରିଛନ୍ତି। ଏପରି ସ୍ଥଳେ ଏହି ବ୍ଲକରେ କର୍ମଚାରୀ ଅଭାବ ଉନ୍ନୟନ କାର୍ଯ୍ୟରେ ବାଧକ ସାଜୁଛି। ବ୍ଲକରେ ୧୪ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୧୩ ଗ୍ରାମରୋଜଗାର ସେବକ ପଦବୀ ଖାଲି ପଡ଼ିଛି। ଅନ୍ୟ ପଞ୍ଚାୟତର ପିଇଓ ଏବଂ ଜିଆର୍‌ଏସ୍‌ଙ୍କୁ ଖାଲିଥିବା ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଜଣେ କର୍ମଚାରୀ ଦୁଇଟି ପଞ୍ଚାୟତ ଦାୟିତ୍ୱ ତୁଲାଇବା କଷ୍ଟକର ହୋଇପଡ଼ିଥିବା ବେଳେ ଉନ୍ନୟନ କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି।

ବ୍ଲକ ଯୋଗାଣ ବିଭାଗରେ ଜଣେ ସ୍ଥାୟୀ ଅଧିକାରୀ ନ ଥିବାରୁ ଯୋଗାଣ ବ୍ୟବସ୍ଥାରେ ସମସ୍ୟା ଦେଖାଯାଉଛି। ଅନ୍ୟ ବ୍ଲକ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏଠାରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବ୍ଲକ ଅଫିସ୍‌ର ମୁଖ୍ୟ କିରାଣି ଦୁଇଟି ବ୍ଲକ ଦାୟିତ୍ୱରେ ଥିବାରୁ ବିଭିନ୍ନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଗତ ୨ରୁ ୩ ବର୍ଷ ହେବ ଏଠାରେ କେହି ସମବାୟ ସମ୍ପ୍ରସାରଣ ଅଧିକାରୀ ନ ଥିବା ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି ବ୍ଲକରେ ୪ କନିଷ୍ଠ ଯନ୍ତ୍ରୀ ଓ ୨ ଗ୍ରାମପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟଙ୍କୁ ନେଇ ବିଭିନ୍ନ ପଞ୍ଚାୟତର ନିର୍ମାଣ କାର୍ଯ୍ୟ ବହୁ କଷ୍ଟରେ ଚାଲୁଛି। ସମାଜ ମଙ୍ଗଳ ଅଧିକାରୀ କେହି ନ ଥିବାବେଳେ ଉକ୍ତ ବିଭାଗର କାର୍ଯ୍ୟକୁ ଅନ୍ୟ କର୍ମଚାରୀମାନେ ତୁଲାଉଥିବା ଜଣାପଡ଼ିଛି। ସାମାଜିକ ସୁରକ୍ଷା ଅଧିକାରୀ ଥିଲେ ମଧ୍ୟ କୌଣସି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ସେହି ବିଭାଗ ଦାୟିତ୍ୱ ଜଣେ ପିଇଓଙ୍କୁ ଦିଆଯାଇଛି। କୌଣସି ସ୍ଥାୟୀ ପିଅନ ନ ଥିବାରୁ ଅସ୍ଥାୟୀ ପିଅନଙ୍କୁ ନେଇ କାମ କରାଯାଉଛି। ଚଳିତ ମାସଠାରୁ ଆକାଉଣ୍ଟସ ଅଫିସର ବର୍ଷକ ପାଇଁ ଟ୍ରେନିଂରେ ଯାଇଥିବା ବେଳେ ଉକ୍ତ ବିଭାଗରେ କିପରି କାର୍ଯ୍ୟ ହେବ ସେନେଇ ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଦୀର୍ଘବର୍ଷ ଧରି ଏବିଡିଓ ପଦବୀ ଖାଲି ପଡ଼ିଛି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ ବୋଲି କୁହାଯାଇଛି। କର୍ମଚାରୀ ମରୁଡ଼ି ବିକାଶମୂଳକ କାର୍ଯ୍ୟକୁ ରୁଗ୍‌ଣ କରିଦେଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଉଛି ବୋଲି କହିଛନ୍ତି।



ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ।

**ବନ୍ତ ପଞ୍ଚାୟତ ସମିତି**
- ୧୪ ପିଇଓ, ୧୩ ଜିଆର୍‌ଏସ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

### ଉଦ୍ଧାର ଯୁବତୀ ଡାକ୍ତରଖାନାରୁ ଉଭାନ୍

**ଭଦ୍ରକ ଅଫିସ, ୨୩।୮**

ଭଦ୍ରକ ତହସିଲ କାର୍ଯ୍ୟାଳୟ ନିକଟରୁ ଶୁକ୍ରବାର ଅପରାହ୍ନରେ ଜଣେ ଯୁବତୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଘର କେନ୍ଦୁଝର ଅଞ୍ଚଳରେ ହୋଇଥିବା ବେଳେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଭଦ୍ରକ ମାନବାଧିକାର ସୁରକ୍ଷା ସଭାପତି ରାଜଲକ୍ଷ୍ମୀ ମହାପାତ୍ର ଉକ୍ତ ଯୁବତୀଙ୍କୁ ନେଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ରାତିରେ ଯୁବତୀ ଜଣଙ୍କ କେଉଁଆଡ଼େ ଚାଲିଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

### ମଦ ବେପାରୀ ଗିରଫ

**ଧାମନଗର, ୨୩।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ପୋଲିସ ଧୂଷୁରୀ ବଜାର ହାଇସ୍କୁଲ ଛକ ନିକଟରୁ ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଓଳଗ ଗ୍ରାମର ରଞ୍ଜନ କୁମାର ସୂତାର। ସେ ୧୭ ବୋତଲ ବିଦେଶୀ ମଦ ଧରି ବସ୍‌କୁ ଅପେକ୍ଷା କରିଥିବା ବେଳେ ଖବର ପାଇ ଥାନା ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ପହଞ୍ଚି ତାଙ୍କୁ ଧରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୦/୧୯) ରୁଜୁ ହୋଇଛି। ଗିରଫ ରଞ୍ଜନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com


ପବିତ୍ର


ରଶ୍ମି

### ମରଣାନ୍ତକ ଆକ୍ରମଣ: ଜଣେ ଗୁରୁତର

**ତିହିଡ଼ି, ୨୩।୮(ଡି.ଏନ.ଏ.)** – ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ କାଁପଡ଼ାବିନ୍ଧା ଗ୍ରାମର ଦଶରଥ ମଳିକ ନାମକ ଜଣେ ବ୍ୟକ୍ତିଙ୍କୁ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଗୁରୁତର ଦଶରଥ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଘଟଣାର ଦୁଇଦିନ ପରେ ବି ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ବୁଧବାର ରାତିରେ ଦଶରଥ ଜଣେ ଯୁବକଙ୍କ ସହ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମ ନିକଟସ୍ଥ ରାସ୍ତାରେ ପଡ଼ିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। କୌଣସି ଘଟଣାକୁ ନେଇ ଦଶରଥଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଉଛି। ଖବର ପାଇ ପୋଲିସ ଗୁରୁବାର ଘଟଣାର ପ୍ରାଥମିକ ତଦନ୍ତ କରିଥିବା ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ପାଳିଲେ ଜନ୍ମାଷ୍ଟମୀ

**ଭଦ୍ରକ ଅଫିସ,୨୩।୮**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂଆବଜାରସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ଭାଗବତ ମହାଳିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସନ୍ଥିଆ ଗୌଡୀୟ ମଠ ବ୍ରହ୍ମଚାରୀ କୃଷ୍ଣଚରଣ ଦାସ ଯୋଗଦେଇ ଜନ୍ମାଷ୍ଟମୀରେ କୃଷ୍ଣଲୀଳା ଓ କୃଷ୍ଣ ଜନ୍ମବୃତ୍ତାନ୍ତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ଆଶାଲତା ମିଶ୍ର ଏକକ ଗୀତ ଗାନ ଓ ରମାକାନ୍ତ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଝୁଲଣରେ ସଙ୍ଗୀତର ତାଳେ ତାଳେ ଝୁଲିବା ସହିତ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରତିକାନ୍ତ ଆଚାର୍ଯ୍ୟ, ଉପସଭାପତି ଇଂ. ଅଭୟ ସୂତାର ଉପସ୍ଥିତ ଥିଲେ। ସେହିଭଳି ବଣିଆଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର କୃଷ୍ଣ ଓ ରାଧା ବେଶରେ ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ସେମାନଙ୍କୁ ନେଇ ଦୋଳନ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଗୁରୁଗୋବିନ୍ଦ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜ୍ଞାନପ୍ରକାଶ ପାଣି ମୁଖ୍ୟଅତିଥି ଓ ବିଦ୍ୟାଳୟର ସମ୍ପାଦକ ରତିକାନ୍ତ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସତ୍ୟବ୍ରତ ସାମନ୍ତ ଅତିଥି ପରିଚୟ ପ୍ରଦାନ ଓ ଆଚାର୍ଯ୍ୟା ମାମି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ରାଜେନ୍ଦ୍ର ସାମଲ, ସୌମ୍ୟରଞ୍ଜନ ଗୁଇଁ, ଭବାନୀ ଶଙ୍କର ବାରିକ, ରମେଶ ଚନ୍ଦ୍ର ରାଉତ ଓ ଆଚାର୍ଯ୍ୟା ହରପ୍ରିୟା ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରପଦା କପାସିଆ ସାଇ ସଙ୍ଗଠନ ପକ୍ଷରୁ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ସଙ୍ଗଠନର ଆବାହକ ପ୍ରମୋଦ ବେହେରା, ସଂଯୋଜକ ତପନ ସାହୁ, ମହିଳା ସଂଯୋଜକ ପାର୍ବତୀ ଯେନା ଓ ମମତା ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ବୃକ୍ଷରୋପଣ କରିବା ପାଇଁ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା।

### ବାସୁଦେବପୁର

ବାସୁଦେବପୁର ବାଲିନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ଯାଦବ ପଡ଼ିଆ ପରିସରରେ ଯାଦବ ମହାସଂଘ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶିଶୁ ବିହାର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ଯାଇ ଯାଦବ ପଡ଼ିଆରେ ପହଞ୍ଚିଥିଲେ। ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ କୃଷ୍ଣଙ୍କ ଜନ୍ମ ଓ ଲୀଳା ସମ୍ପର୍କରେ ଏକ ନାଟକ ପରିବେଷଣ କରାଯାଇ କଂସବଧରେ ସମାପ୍ତ ହୋଇଥିଲା। ଯାଦବ ମହାସଂଘର ସଭାପତି ବନମାଳୀ ବାରିକ, ସମ୍ପାଦକ ଭାଗୀରଥି ପଲାଇ, ଉପଦେଷ୍ଟା ରତ୍ନାକର ବାରିକ, ପ୍ରତାପ ଡାଙ୍ଗୁଆ ଓ ତାରାକାନ୍ତ ଡାଙ୍ଗୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ୍ତ

ବନ୍ତ ବ୍ଲକର ବିଭିନ୍ନ ମନ୍ଦିର ଓ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ପଳସାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଭରସା ସଙ୍ଗଠନର ସଙ୍ଗଠକ ସୌମ୍ୟରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଦସ୍ୟ ରବୀନ୍ଦ୍ର କୁମାର ପୃଷ୍ଟି, ଶିକ୍ଷକ ରମେଶ ଚନ୍ଦ୍ର ପାଢୀ, ରବୀନ୍ଦ୍ର କୁମାର ଜେନା, ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜୀବନ ଦର୍ଶନ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ସେହିପରି ଗଣିଜାଙ୍ଗ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟକ୍ଷ ବସନ୍ତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶ ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗଣିଜାଙ୍ଗ ବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### ଧାମନଗର

ଧାମନଗର ବ୍ଲକର ବିଭିନ୍ନ ମଠ, ମନ୍ଦିର, ଠାକୁରବାଡ଼ି ଏବଂ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳନ ହୋଇଥିଲା। ଚୁଡାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ବଜାର ଏବଂ ଗ୍ରାମ ପରିକ୍ରମା କରିଥିଲେ। ସମ୍ପାଦକ ବିବେକାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ନରେନ୍ଦ୍ର ସାମଲ ମୁଖ୍ୟଅତିଥି, ହେମେନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଏବଂ ସିଆର୍‌ସିସି ପ୍ରଶାନ୍ତ ବେହେରା, ନରେନ୍ଦ୍ର ଦାସ, ସନ୍ତୋଷ ପଲାଇ, ପଙ୍କଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସଞ୍ଜୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାମନଗର, ଆନନ୍ଦପୁର, ଦୋବଲ, ଅସୁରାଳି ଓ ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନଙ୍କୁ ରାଧାକୃଷ୍ଣ ବେଶ କରାଯାଇ ନଗର ପରିକ୍ରମା କରାଯାଇଥିଲା।


ପହଣାସ୍ଥିତ ଶିଶୁମନ୍ଦିର ପରିସରରେ ରାଧାକୃଷ୍ଣ ବେଶରେ ସଜ୍ଜିତ ଶିଶୁ।

### ପଦ୍ମପୁର

ବାସୁଦେବପୁର ବ୍ଲକ ନାୟକାଣିଡିହୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କ ଗହଣରେ କୃଷ୍ଣବେଶଧାରୀ ପ୍ରତିଯୋଗୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରୁ ଶୋଭାଯାତ୍ରାରେ ବାହାରି ନାୟକାଣିଡିହୀ ଥାନା ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଲଉଡ଼ି ଖେଳ ସହ ପ୍ରତିଯୋଗୀମାନେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଥାନାଧିକାରୀ ରତିକାନ୍ତ ଗିରି ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ଶରତ କୁମାର ବାରିକ ଓ ସଭାପତି ମନୋଜ ଦାଶ।


ନାୟକାଣିଡିହୀ ଥାନା ପରିସରରେ ମନ୍ଦିରରେ ରାଧାକୃଷ୍ଣ ବେଶରେ ଛାତ୍ରଛାତ୍ରୀ।

### ଆରଡ଼ି

ଚାନ୍ଦବାଲି ବ୍ଲକର ପହଣାସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ପ୍ରାୟ ୪୦ ଶିଶୁ ରାଧା ଓ କୃଷ୍ଣ ବେଶରେ ସଜେଇ ହୋଇଥିଲେ। ସେମାନେ ଶିକ୍ଷାନୁଷ୍ଠାନରେ ପ୍ରବେଶ କରିବା ପରେ ଗୁରୁମା ଗୁରୁଜୀ ସେମାନଙ୍କୁ ଧାଡ଼ିବାନ୍ଧି ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠକୁ ନେଇ ଯାଇଥିଲେ। ସେଠାରେ ମନ୍ଦିର ପରିକ୍ରମା କରିବା ସହ କୃଷ୍ଣ ଚେତନା ସୃଷ୍ଟି କରି ସମସ୍ତେ ଶିକ୍ଷାନୁଷ୍ଠାନକୁ ଫେରିଆସିଥିଲେ। ପରେ ଏହି ଉପଲକ୍ଷେ ଅନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ସାହାଣୀ, ବିଭୂତି ବିଶ୍ୱାଳ, ଲିପାରାଣୀ ପାଢୀ, ବନିତା ବାରିକ, ଶ୍ୱେତପଦ୍ମା ବିଶ୍ୱାଳ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ଦାସ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିଶୁଙ୍କୁ ଜନ୍ମାଷ୍ଟମୀ ଶୁଭେଚ୍ଛା ଜଣାଇଥିଲେ।

### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ବର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ରାଧାକୃଷ୍ଣ, ସୁଦାମା, ସୁବଳ, ଲଳିତା, ବିଶାଖା, ବଳରାମ ଓ ଚୈତନ୍ୟ ବେଶରେ ସଜ୍ଜିତ ହୋଇଥିଲେ। ବାବାଜୀ ମିଶ୍ର ଶିଶୁ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିବା ପରେ ନଗର ଭ୍ରମଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶ୍ରେଷ୍ଠ ରାଧାକୃଷ୍ଣଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟା ଅନସୂୟା ପୁହାଣଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୨୪ ଅଗଷ୍ଟ, ୨୦୧୯



**ସଂକ୍ଷେପରେ**

## ଚା ପିଇ ପରିବାରର ୪ ଅସୁସ୍ଥ

ଆନନ୍ଦପୁର,୨୩। ୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ଫାଣ୍ଡି ଅଧୀନ ଗୋଟିଏ ପରିବାରର ୪ ଜଣ କ୍ଷୀର ପାଉଡରରେ ଚା' ପିଇ ଅସୁସ୍ଥ ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ରାମଚନ୍ଦ୍ରପୁର ଥାନା ଅଧୀନ ସାଇଁକୁଳ ଗ୍ରାମର ହରମୋହନ ପରିଡାଙ୍କ ପରିବାର ଲୋକେ ଗୁରୁବାର ସନ୍ଧ୍ୟାରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର କ୍ଷୀର ପାଉଡର ବଜାରରୁ ଆଣଇ ସେଥିରେ ଚା' ପ୍ରସ୍ତୁତ କରି ପିଇଥିଲେ। ଏହି ଚା' ପାଇ ପରିବାରର ୨ଜଣ ମହିଳା, ଜଣେ ୧୧ ବର୍ଷର ବାଳକ ଏବଂ ଅନ୍ୟଜଣେ ପୁରୁଷ ଲୋକ ଅସୁସ୍ଥତା ଅନୁଭବ କରିଥିଲେ। ସେମାନେ ନିକଟସ୍ଥ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦେଖାଇ ଘରକୁ ଫେରିଥିଲେ। ଶୁକ୍ରବାର ସକାଳେ ସେମାନେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ସେମାନଙ୍କୁ ନେଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

## ଅଭିଯୋଗକାରୀଙ୍କୁ ପୋଲିସର ମାଡ଼

ହାଟଡିହୀ,୨୩। ୮(ଡି.ଏନ୍.ଏ.)- ମାଛ କିଣି ବାକି ଟଙ୍କା ନ ଦେବା ନେଇ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ବିଦ୍ୟାଧରପୁର ଗ୍ରାମରେ ଗଣ୍ଡଗୋଳ ଘଟି ଥାନା ଯାଏ କଥା ଯାଇଛି। ଗ୍ରାମର ଉଛବ ଜେନା ଅଭିଯୋଗ କରିଛନ୍ତି ଯେ, ସେ ବାକି ଟଙ୍କା ମାଗିବାରୁ ଗାମର ଜଣେ ବ୍ୟକ୍ତି ତାଙ୍କ ସହ ଗଣ୍ଡଗୋଳ କରି ସେହି ବ୍ୟକ୍ତି ଥାନାକୁ ଯାଇ ତାଙ୍କୁ ମାରଧର କରାଯାଇଥିବା ଅଭିଯୋଗ କରିଥିଲେ। ସେ ମଧ ଥାନାକୁ ଯାଇ ଏ ନେଇ ଅଭିଯୋଗ କରିଥିଲେ। ଥାନାରେ ଉପସ୍ଥିତ ଜଣେ ଅଧିକାରୀ ତାଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ତାଙ୍କୁ ମାଡ ମାରି ଦୁର୍ବ୍ୟବହାର କରିଥିବା ସେ ନେଇ ଆନନ୍ଦପୁର ଡିଏସପି ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଡିଏସପି ପଣ୍ଡାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

■ ବଣପାହାଡ଼ ଘେରା ଦୁର୍ଗମ ଗୋଡୁଆଟୋପା

# ରାସ୍ତା ନାହିଁ, ଛୁଇଁନି ବିକାଶ

ଝୁମ୍ପୁରା, ୨୩।୮ (ଡି.ଏନ.ଏ.)

କେନ୍ଦୁଝର ଜିଲାର ବଣପାହାଡ଼ ଘେରା ଇଲାକାରେ ଥିବା ଏକ ଦୁର୍ଗମ ଅବହେଳିତ ଗାଁ ଗୋଡୁଆଟୋପା। ଝୁମ୍ପୁରା ବ୍ଲକ ମଲଦା ପଞ୍ଚାୟତର ୧୨ନଂ ୱାର୍ଡରେ ଥିବା ଏହି ଗାଁରେ ଲୋକସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ। ଭୌଗୋଳିକ ଅବସ୍ଥିତି ଗାଁର ବିକାଶରେ ଅନ୍ତରାୟ ସାଜିଛି। ନୟାଗଡ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଥିବା ଏହିଗାଁର ୨ ପାର୍ଶ୍ୱରେ ସୁଉଚ୍ଚ ପାହାଡ଼ ରହିଛି। ଗାଁ ଉପର ମୁଣ୍ଡରେ ରହିଛି ଜଗଦଳା ଜଳସେଚନ ପ୍ରକଳ୍ପର ବନ୍ଧ। ଗାଁକୁ ପହଞ୍ଚିବାକୁ ହେଲେ ଜଗଦଳା ନାଳ ସହିତ ଗୋଟିଏ ଜଙ୍ଗଲୀ ଝରଣା ପାର ହୋଇ ଯିବାକୁ ପଡ଼ିଥାଏ। ଗାଁ ଠାରୁ ୨କି.ମି. ଦୂର କିଡ୍‌କୋ ରାସ୍ତା ପାର୍ଶ୍ୱରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର। ଗାଁରେ ଥିବା ୩ଟି ସାହିର ଘର ଜଙ୍ଗଲ ପାର୍ଶ୍ୱରେ ବିକ୍ଷିପ୍ତ ଭାବେ ରହିଛି। ଏଥିଲାଗି ବହୁବିଧ ସମସ୍ୟା ସହ ଯୁଝି ହେଉଛନ୍ତି ଗୋଡୁଆଟୋପା ଗ୍ରାମ ବାସିନ୍ଦା।

ଗ୍ରାମବାସୀ କହିଛନ୍ତି, ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ସେମାନେ ଏକ ପ୍ରକାର ବିଚ୍ଛିନ୍ନାଞ୍ଚଳବାସୀ ଭାବେ ଜୀବନ ବିତାଉଛନ୍ତି। ରାସ୍ତା ନ ଥିବାରୁ କେବେ କୌଣସି ଅଧିକାରୀଙ୍କ ପାଦ ଗାଁରେ ପଡ଼େ ନାହିଁ। ପଞ୍ଚାୟତରେ ଥିବା ମାଟି ରାସ୍ତା ବହୁ ସମୟରେ କର୍ଦ୍ଦମାକ୍ତ ହୋଇପଡ଼େ। ଗାଁ ମୁଣ୍ଡ ୨ଟି ନାଳ ଉପରେ ହ୍ୟୁମ ପାଇପ ପୋଲ କରାଯାଇଛି। ବର୍ଷାଦିନେ ଡ୍ୟାମରୁ ପାଣି ଆସିଲେ ହ୍ୟୁମପାଇପ ପୋଲ ବୁଡିଯାଏ। ମାସାଧିକ କାଳ ଗାଁକୁ ଯାତାୟାତ ସୁବିଧା ବିଚ୍ଛିନ୍ନ ହୋଇପଡ଼େ। ଫଳରେ ଜରୁରିକାଳୀନ ଚିକିତ୍ସା ଲାଗି ରୋଗୀଙ୍କୁ ଡାକ୍ତରଖାନା ନିଆଯାଇ ପାରେ ନାହିଁ। ଗାଁକୁ ଆମ୍ବୁଲାନ୍ସ ଯିବା ସ୍ୱପ୍ନ। ରୋଗୀ ଓ ପ୍ରସୂତିଙ୍କୁ ଖଟିଆରେ ବୋହି ଜଗଦଳା ଡ୍ୟାମ ପଟ ବନ୍ଧ ଉପରକୁ ଅଣାଗଲେ କିଡ୍‌କୋ ରାସ୍ତା ଦେଇ ଡାକ୍ତରଖାନା ନେବାକୁ ପଡ଼ିଥାଏ। ଗାଁଠାରୁ ୨କି.ମି ଦୂରରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ର ବର୍ଷାଦିନେ ଯାଆସ କରି ପାରନ୍ତି ନାହିଁ। ଗ୍ରାମରେ ବସିଥିବା ନଳକୂପ ଖରାପ ହେଲେ ରାସ୍ତା ସମସ୍ୟା ଯୋଗୁ ଏହାକୁ ବହୁଦିନ ଧରି ସଜଡା ଯାଇପାରେନାହିଁ। ଗାଁଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ପ୍ରାୟ ୭କି.ମି. ହେବ। ଏଥିଲାଗି ଗ୍ରାମବାସୀ ପିଡିଏସ୍ ଚାଉଳ, ଗହମ ନେବା ଲାଗି ମଧ ବହୁ ଅସୁବିଧା ଭୋଗିଥାନ୍ତି। ବଣମୂଳକରେ ଥିବା ଏହି ଗ୍ରାମରେ ମ୍ୟାଲେରିଆ ଭଳି ରୋଗବ୍ୟାଧି ବସା ବାନ୍ଧି ରହିଛି। ଏହି ଲୋକଙ୍କ ଲାଗି ସ୍ୱାସ୍ଥ୍ୟସେବା ଏଯାଏ ଅପହଞ୍ଚ ହୋଇରହିଛି।

ଗ୍ରାମବାସୀ ସାଧାରଣତଃ କୃଷିକାର୍ଯ୍ୟ ସହିତ ମୂଲ ମଜୁରି ଲାଗି ଚଳିଥାନ୍ତି। ବର୍ଷର ବିଭିନ୍ନ ସମୟରେ ହାତୀପଲ ଆସି ଫସଲ ନଷ୍ଟ କରି ଘରଦ୍ୱାର ଭାଙ୍ଗି ପକାଉଥିବାରୁ ଦାରିଦ୍ର୍ୟ ଚିର ସହଚର ପାଲଟିଛି। ହାତୀ ଉପଦ୍ରବ ବେଳେ ରାସ୍ତା ନ ଥିବାରୁ ବନ ବିଭାଗ କର୍ମଚାରୀ ଆସି ହାତୀ ଘଉଡାଇ ପାରି ନ ଥାନ୍ତି। ଗ୍ରାମର ସମରା ମୁଣ୍ଡା, ଗାର୍ଦି ମୁଣ୍ଡା, ରଘୁନାଥ ସିଦ୍ଧୁ, ମହେଶ୍ୱର ମୁଣ୍ଡା, ରଞ୍ଜନ ମହାନ୍ତ, ରଥ ମୁଣ୍ଡା, ପାଣ୍ଡୁ ମୁଣ୍ଡା, ଦୁର୍ଗା ମହାନ୍ତ, ପୂର୍ଣ୍ଣ ମହାନ୍ତ ଏହି ଅଭିଯୋଗ କରି କହିଛନ୍ତି, ଆମେ ଗାଁ ସମସ୍ୟା ନେଇ ବହୁବାର ପ୍ରଶାସନକୁ ଅବଗତ କରାଇ ଆସୁଛୁ। କୌଣସି ପ୍ରତିକାର ହେଉ ନାହିଁ। ଗୋଡୁଆଟୋପା ୱାର୍ଡମେମ୍ବର ଉମାକାନ୍ତ ମହାନ୍ତ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୋଡୁଆଟୋପା ଗ୍ରାମ୍ୟ ରାସ୍ତା ନିର୍ମାଣ ସହିତ, ଗାଁ ମୁଣ୍ଡ ଦୁଇ ନାଳ ଉପରେ ଉଚ୍ଚା ପୋଲ ନିର୍ମାଣ କରାଗଲେ, ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏ ନେଇ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡିଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଗଲେ ଏହାର ସର୍ଭେ କରାଯାଇ ନିର୍ମାଣ କାର୍ଯ୍ୟ କରାଯାଇ ପାରିବ।

**ବର୍ଷାଦିନେ ଡ୍ୟାମରୁ ପାଣି ଆସିଲେ ହ୍ୟୁମପାଇପ ପୋଲ ବୁଡ଼ିଯାଏ। ମାସାଧିକ କାଳ ଗାଁକୁ ଯାତାୟାତ ସୁବିଧା ବିଚ୍ଛିନ୍ନ ହୋଇପଡ଼େ। ଫଳରେ ଜରୁରିକାଳୀନ ଚିକିତ୍ସା ଲାଗି ରୋଗୀଙ୍କୁ ଡାକ୍ତରଖାନା ନିଆଯାଇ ପାରେ ନାହିଁ।**



## ୪୪ ଦିନରେ ଘର ତିଆରି କରି ହିତାଧିକାରୀ ପାଇଲେ ପ୍ରଶଂସାପତ୍ର

ଆନନ୍ଦପୁର,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତରେ ଅଭିରାମ ଦାସ ନାମକ ଜଣେ ହିତାଧିକାରୀ ୪୨ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ଶେଷ କରି ବ୍ଲକ ତରଫରୁ ପ୍ରଶଂସାପତ୍ର ହାସଲ କରିଛନ୍ତି। ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ସଂପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଶରତ ଚନ୍ଦ୍ର ସାହୁ, ଜିଆରଏସ ଜଗନ୍ନାଥ ପାତ୍ର ହିତାଧିକାରୀ ଅଭିରାମ ସାହୁଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ସହିତ ପୁରସ୍କାର ଆକାରରେ ଘରବାଡିରେ ଲଗାଇବାକୁ ଆମ୍ବ ଚାରା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଅତିରିକ୍ତ ବିଡିଓ ଭାଗମାତ ସୋରେନ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଆର୍ଥିକ ବର୍ଷରେ ଘସିପୁରା ବ୍ଲକ ପାଇଁ ୩୩୪୦ଟି ଆବାସ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ତରୁଆଁ ପଞ୍ଚାୟତକୁ ୧୬୪ ଗୃହର କାର୍ଯ୍ୟାଦେଶ ମିଳିଛି। ସରକାରୀ ନିୟମ ମୁତାବକ ୪ ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କଲେ ବୋନସ ବାବଦକୁ ଅଧିକ ୨୦ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଉଲ୍ଲେଖନୀୟ ଯେ, ୨୦୧୬-୧୭ ରେ ଘସିପୁରା ବ୍ଲକକୁ ମିଳିଥିବା ୨୧୬୨ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟରୁ ୧୯୨୭, ୨୦୧୭-୧୮ ରେ ୨୧୪୦ ଟି ଗୃହ ମଧ୍ୟରୁ ୧୮୬୬ ଏବଂ ୨୦୧୮-୧୯ ରେ ୮୨୧ ଗୃହ ମଧ୍ୟରୁ ୬୬୪ ଗୃହ ନିର୍ମାଣ ଶେଷ ହୋଇଛି।

## ସିଟି ସ୍କୁଲରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଆନନ୍ଦପୁର,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରଠାରେ ଥିବା ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଏହି ସିଟି ସ୍କୁଲର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ.କାର୍ତ୍ତିକେଶ୍ୱର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ପ୍ରଶିକ୍ଷକ ଆଲୋକ କୁମାର ରଣା, ସୁଶାନ୍ତ କୁମାର ନାୟକ, ଭୋଳା ଶଙ୍କର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଚିନ୍ମୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ନାଥ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହାକୁ ପରିଚାଳନା କରିଥିଲେ।

## ଖଣିଜ ପରିବହନ ବନ୍ଦ ରଖିବାକୁ ୩ସଂସ୍ଥାକୁ ନୋଟିସ

ଯୋଡ଼ା,୨୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଉପରଡିହା ପଞ୍ଚାୟତର ବାଲିଯୋଡି ଗ୍ରାମ ନିକଟ ୨୦ନଂ ଜାତୀୟ ରାଜପଥରେ ଗାଡି ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟଣା ନେଇ ପ୍ରଶାସନ ପକ୍ଷରୁ ଖୋଳତାଡ ଜାରି ରହିଛି। ଖଣିଜ ଦ୍ରବ୍ୟ ନେଇ ଯାଉଥିବା ଟ୍ରକକୁ ଏକ ବସ୍ ଅତିକ୍ରମ କଲା ବେଳେ ରାସ୍ତା ପାର ହେଉଥିବା ୩ ହାତୀଙ୍କୁ ସମ୍ପୃକ୍ତ ବସ୍ ଓ ଟ୍ରକ ଧକ୍କା ଦେବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

**ଟ୍ରକ ଓ ବସ୍ ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟଣା**

ଏହାମଧ୍ୟରେ ଯୋଡା ଖଣି ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ଖଣିଜ ପରିବହନ କରୁଥିବା ୩ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ସାମୟିକ ପରିବହନ ବନ୍ଦ ରଖିବା ସକାଶେ କୁହାଯାଇଛି।

ଯୋଡା ଖଣି କାର୍ଯ୍ୟାଳୟର ଚିଠି (ସଂଖ୍ୟା ନଂ. ୨୨୫୫/୨୨।୮।୨୦୧୯) ଅନୁଯାୟୀ ଖଣି ମଣ୍ଡଳରେ ଥିବା ଏସଏସ ଆର୍ଥ ମୁଭର୍ସ, ସାଇ ଲୋକେସ ଏବଂ କ୍ରିଷ୍ଣା ନାମକ ୩ ଖଣିଜ ପରିବହନକାରୀ ସଂସ୍ଥାର ଯାନଗୁଡିକୁ ଖଣିଜ ପଦାର୍ଥ ପରିବହନ କାର୍ଯ୍ୟରେ ନ ଲଗାଇବା ସକାଶେ ସମସ୍ତ ଖଣି ଲିଜଧାରୀ ତଥା ମାଲ ପରିବହନ ଲାଇସେନ୍ସ ପାଇଥିବା ସଂସ୍ଥାଗୁଡିକ ନିକଟକୁ ନୋଟିସ ପଠାଯାଇଛି। ଯୋଡା ଖଣି ଉପନିର୍ଦ୍ଦେଶକ ଏଲ.ଡି ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଟ୍ରକ ଧକ୍କାରେ ହାତୀଙ୍କ ମୃତ୍ୟୁ ଘଟିବା ଦୁଃଖଦାୟକ ଘଟଣା। ଏଥିଲାଗି ୩ ପରିବହନକାରୀ ସଂସ୍ଥାର ପରିବହନ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ପୁନଃନିଷ୍ପତ୍ତି ନିଆ ନ ଯିବା ପର୍ଯ୍ୟନ୍ତ ଖଣିବିଭାଗର ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଉଲ୍ଲେଖନୀୟ ଯେ, ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଯୋଡା ଆସୁଥିବା ସଂସ୍କାର ବସ ସର୍ଭିସର ଐରାବତ ବସ୍ ଏକ ଟ୍ରକକୁ ଓଭରଟେକ କଲାବେଳେ ହାତୀଙ୍କ ସହିତ ଦୁର୍ଘଟଣା ଘଟିଥିଲା। ଏଥିରେ ୩ଟି ହାତୀ ମୃତ୍ୟୁବରଣ କରଥିଲେ। ବସ୍‌ଟି ରାସ୍ତା କଡକୁ ଓଲଟି ପଡିଥିଲା।

**ଜନ୍ମାଷ୍ଟମୀ ସମାରୋହ**



ବଡ଼ବିଲ



ଡେଙ୍କିକୋଟ



କେନ୍ଦୁଝର





ଚମ୍ପୁଆ



ଝୁମ୍ପୁରା



ହାଟଡିହୀ



ପାଟଣା

## ଆକର୍ଷଣ ସାଜିଲା ପ୍ରତିଯୋଗିତା

ହାଟଡିହୀ, ୨୩।୮(ସ୍ୱ.ପ୍ର.)

ହାଟଡିହୀ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବୌଦ୍ଧିକ ମଣ୍ଡପରେ ଜନ୍ମାଷ୍ଟମୀ ଉତ୍ସବ ବିଭିନ୍ନ ପ୍ରତିଯୋଗିତା ଓ ଅନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ବିଜୟ କୁମାର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ କର ବକ୍ତବ୍ୟ ରଖିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ଆଚାର୍ଯ୍ୟା ମମତା ମଞ୍ଜରୀ ପାଢ଼ୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଆଚାର୍ଯ୍ୟା ସ୍ନେହଲତା ପରିଡା,ବୃନ୍ଦାବତୀ ରାଉତ,ସୀତାରାଣୀ ଓଝା,ରଶ୍ମିରେଖା ବିଶ୍ୱାଳ,ସନ୍ଧ୍ୟାରାଣୀ ଦେବତା, ଚଞ୍ଚଳା ମିଶ୍ର,ଗୀତାଞ୍ଜଳୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅଧିକ ଆକର୍ଷଣ ସାଜିଥିଲା।

## ମନ୍ଦିରରେ ପୂଜାର୍ଚ୍ଚନା ପରେ ସାହିବସ୍ତି ପରିକ୍ରମା

ଢେଙ୍କିକୋଟ, ୨୩।୮(ଡି.ଏନ୍.ଏ.)

ଜନ୍ମାଷ୍ଟମୀ ଉପଲକ୍ଷେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ଉତ୍ସବମୁଖର ରହିଥିଲା। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶଭୂଷାରେ ସଜ୍ଜିତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଥମେ ଶିକ୍ଷକ ବୈଲୋଚନ ରାଉତ ଜନ୍ମାଷ୍ଟମୀ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ପରମ୍ପରା ଅନୁଯାୟୀ ରାଧାକୃଷ୍ଣ ବେଶ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବନ୍ଦାପନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତ ରାଧାକୃଷ୍ଣ ବେଶଧାରୀ ଛାତ୍ରୀଛାତ୍ର ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ସାହିବସ୍ତି ପରିକ୍ରମା କରିଥିଲେ। ପ୍ରଧାନ ଶିକ୍ଷକ ଲୋକନାଥ ମହାନ୍ତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଶୋଭାଯାତ୍ରା

କେନ୍ଦୁଝର, ୨୩।୮ (ସ୍ୱ.ପ୍ର.)

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସ୍ଥାନୀୟ ବିଭିନ୍ନ ଶ୍ରୀକୃଷ୍ଣଙ୍କ ମନ୍ଦିର ପରିସରରେ ବହୁ ଭକ୍ତଙ୍କ ସମାଗମ ପରିବେଶକୁ ଉତ୍ସବମୁଖର କରିଥିଲା। ସକାଳ ସମୟରୁ ଭକ୍ତମାନେ ଭିଡ ଜମାଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହିଳା ଓ ପୁରୁଷ ଭକ୍ତମାନେ ମୁଣ୍ଡରେ ଲାଲ ପଟି ବାନ୍ଧି ଓ ଲାଲ ଝଣ୍ଡା ଧରି ସହର ପରିକ୍ରମା କରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପହଞ୍ଚିଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ତୁଷାରକାନ୍ତ ସାମନ୍ତ ଅଧ୍ୟକ୍ଷତାକରିଥିଲେ। ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭାଗ ସମ୍ପାଦକ ଘନ୍ୟଶ୍ୟାମ ମହାନ୍ତ, ବିଧାୟକ ମୋହନ ମାଝୀ, ବିଭାଗ ସଭାପତି ଚତୁର୍ଭୁଜ ହୋତା, ଇଂ ବସନ୍ତ କୁମାର ଦାନୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ତୁଷାରକାନ୍ତ ସାମନ୍ତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ

ଯୋଡ଼ା, ୨୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଫେରୋ ମାଙ୍ଗାନିଜ୍ ପ୍ଲାଣ୍ଟ ନିକଟରେ ଥିବା ଶ୍ରୀରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଗୋବିନ୍ଦ ଦାଶଙ୍କ ସମେତ ପୂଜକ ଗୋପ ଦାଶ, ପ୍ରତାପ ଦାଶ, ପ୍ରଦୀପ ଦାଶ ଓ ନାରାୟଣ ଦାଶ ଭୋର ୫ଟାରେ ଠାକୁରଙ୍କର ମଙ୍ଗଳଆଳତୀ, ସକାଳ ୬ଟା୨୦ରେ ମହାସ୍ନାନ ଓ ନବବସ୍ତ୍ର ପରିଧାନ ଆଦି ରୀତିନୀତି ସମ୍ପନ୍ନ କରିଥିଲେ। ସକାଳ ସାଢେ ୭ଟାରେ ସକାଳଧୂପ ଓ ପରେ ମଧ୍ୟାହ୍ନ ଧୂପ ଦିଆଯାଇଥିଲା। ପୂର୍ବାହ୍ନରେ ଠାକୁରଙ୍କୁ ଦର୍ଶନ ଓ ଭୋଗ ଲାଗି କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ଆଳତୀ ଓ ଭଜନକୀର୍ତ୍ତନ ଯୋଗୁ ମନ୍ଦିର ପରିସର ଉତ୍ସବମୁଖର ରହିଥିଲା। ରାଧାକୃଷ୍ଣ ମନ୍ଦିର ସେବାସମିତି କମିଟିର ସଭାପତି ଶରତ ଚନ୍ଦ୍ର ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ଓ କମିଟିର ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଧାକୃଷ୍ଣ ବେଶରେ ଗାଁ ବୁଲିଲେ

ଝୁମ୍ପୁରା ୨୩।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଶିଶୁ ମନ୍ଦିରର ୨୩୦ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନାଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଚାର୍ଯ୍ୟ ଦୋଳ ଗୋବିନ୍ଦ ପ୍ରଧାନ ଭାଗବତ ପାଠ କରିଥିଲେ। ପାଲା ଗାୟକ ପଞ୍ଚାନନ ହାତୀ କୃଷ୍ଣଙ୍କ ଜନ୍ମ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

## ଶିକ୍ଷାନୁଷ୍ଠାନରେ କୃଷ୍ଣମୟ ପରିବେଶ

ପାଟଣା,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣସ୍‌ରେ ଶୁକ୍ରବାର ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନିଜକୁ ଶ୍ରୀକୃଷ୍ଣଙ୍କ ବେଶରେ ସଜାଇ ପରିବେଶକୁ କୃଷ୍ଣମୟ କରିଥିଲେ। ଏହି ଉପଲକ୍ଷେ ସହକାରୀ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଖବରଦାତା ବୀରକିଶୋର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କପକ୍ଷରୁ କୃଷ୍ଣ ବେଶ ଓ ଭକ୍ତି ସମ୍ବଳିତ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶୋଭାଶ୍ରୀ ଷଡ଼ଙ୍ଗୀ, ଭାରତୀ ମହାନ୍ତ, ସସ୍ମିତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁରୂପ ଭାବେ ତୁରୁମୁଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡାଙ୍କ ସଂଯୋଜନାରେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ପ୍ରଧାନ, ଡ଼. ଉଜ୍ଜ୍ୱଳ କୁମାର ସାହୁ, କୁଳମଣି ସାହୁ, ଅଧାପକ ତ୍ରିନାଥ ମହାନ୍ତ, ପରିଚାଳନା ସମିତିର ସଭାପତି ରକ୍ଷାକର ସାହୁ ଓ ସମ୍ପାଦକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ନଗର ପରିକ୍ରମା, ଦହିହାଣ୍ଡି ଭଙ୍ଗା

କେନ୍ଦୁଝର, ୨୩।୮(ଡି.ଏନ୍.ଏ.)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁବାଟିକା ବିଭାଗ ପକ୍ଷରୁ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ୧୨୮ ଶିଶୁ କୃଷ୍ଣବେଶ ହୋଇ ଆସିଥିଲେ। ପ୍ରାରମ୍ଭରେ ସେମାନେ ନଗର ପରିକ୍ରମା କରିବା ସହ ଦହିହାଣ୍ଡି ଭଙ୍ଗା ଓ ଗୀତାଭିନୟରେ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ଆକାଶବାଣୀ କେନ୍ଦ୍ରର ଉଦ୍‌ଘୋଷକ ସୁପାଇ ମୁର୍ମୁ ଏବଂ ଇସ୍କନ କେନ୍ଦୁଝର ଶାଖାର ପ୍ରଚାରକ ସନ୍ତୋଷ କୁମାର ନାୟକ ଓ ତାଙ୍କର ସାଥୀଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ଦେଇଥିଲେ।

# ମଦ ଦୋକାନ ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ

## ଚେତାବନୀ ଦେଲା ମଦ ବିରୋଧୀ ସଙ୍ଗଠନ

**ଜଳେଶ୍ୱର, ୨୩।୮**

ଜଳେଶ୍ୱର ମ୍ୟୁନିସିପାଲିଟିର ପଞ୍ଚୁଘଣ୍ଟା ମୌଜାରେ ଥିବା ଲକ୍ଷ୍ମଣନାଥ ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତର ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜଳେଶ୍ୱର ମଦ ବିରୋଧୀ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଶୁକ୍ରବାର ଅପରାହ୍ଣରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆବାହକ ସିତାଂଶୁ ସେନାପତି ସୂଚନା ଦେଇଛନ୍ତି।

ଜଳେଶ୍ୱର ପୌରାଞ୍ଚଳର ୯ନଂ. ୱାର୍ଡ ପଞ୍ଚୁଘଣ୍ଟା ମୌଜାର ପ୍ଲଟ ନଂ. ୬୯୬/୧୫୮୫, ଖାତା ନଂ. ୪୧୮/୧୬ରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ଏହା ବିରୋଧରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀମାନେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଧାରଣା ଓ ଆମରଣ ଅନଶନ କରିଥିଲେ। ବାଲେଶ୍ୱର ଜିଲାପାଳଙ୍କ ଆଦେଶକ୍ରମେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଗତ ୧୦ ତାରିଖରେ ପତ୍ର ନଂ.ରେ ଲାଇସେନ୍ସ ପାଇଥିବା ଦିବ୍ୟକାନ୍ତ ପାଣିଗ୍ରାହୀଙ୍କୁ ଲକ୍ଷ୍ମଣନାଥ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦିବ୍ୟକାନ୍ତ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ପୂର୍ବ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରବୀର କୁମାର ପ୍ରଧାନ, ଅରୁଣ ବେଜ ଓ ସମୀର ପାତ୍ର, ସମାଜସେବୀ ଅଶୋକ ଜେନା, ଭାସ୍କର ମିଶ୍ର, ଦୁର୍ଗା ଚରଣ ଆଶ, ଅଜୟ କୁମାର ଦାସ, ଅଂଜନ କୁମାର ଦାସ, ଜଳନ୍ଧର ସାହୁ, ସିଦ୍ଧେଶ୍ୱର ତ୍ରିପାଠୀ, ଅଶ୍ୱିନୀ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଦ ବିରୋଧୀ ସଙ୍ଗଠନର କର୍ମକର୍ତ୍ତା।

## ସଂକ୍ଷେପରେ

### ଯୋଗଦେଲେ ପୂର୍ବାଞ୍ଚଳ ଆଇଜି



**ବାଲେଶ୍ୱର ଅଫିସ,୨୩।୮:** ବାଲେଶ୍ୱର ପୋଲିସ ଲାଇନ୍‌ସ୍ଥିତ ପୂର୍ବାଞ୍ଚଳ ଆଇଜି କାର୍ଯ୍ୟାଳୟରେ ନୂତନ ଆଇଜି ଦିପ୍ତେଶ କୁମାର ପଟ୍ଟନାୟକ ଶୁକ୍ରବାର ମଧ୍ୟାହ୍ନରେ ଯୋଗଦେଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଅତିରିକ୍ତ ଏସ୍‌ପି, ୩ଜଣ ଡିଏସ୍‌ପି, ସଦର, ଟାଉନ୍ ଓ ସହଦେବଖୁଣ୍ଟା ଥାନାଧିକାରୀମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। କାର୍ଯ୍ୟରେ ଯୋଗଦେଇ ଅପରାହ୍ଣରେ ପୂର୍ବାଞ୍ଚଳ ପୋଲିସ ଆଇଜି ପଟ୍ଟନାୟକ ଜଳେଶ୍ୱର ଗସ୍ତରେ ଯାଇଥିଲେ। ଜଳେଶ୍ୱର, ରାଇବଣିଆ, ନାମ୍ପୋ, ଭୋଗରାଇ, କମର୍ଦ୍ଦା ଆଦି ଅଞ୍ଚଳ ପରିଦର୍ଶନ କରିବା ସହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

### ଜିଲାପାଳଙ୍କ ଅଚାନକ ଖଇରା ତହସିଲ ପରିଦର୍ଶନ

**ଖଇରା, ୨୩।୮(ଡି.ଏନ.ଏ.):** ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ଅଚାନକ ଖଇରା ତହସିଲ ପରିଦର୍ଶନ କରିବା ବିଭିନ୍ନ କାର୍ଯ୍ୟ ବିଷୟରେ ପଚାରି ବୁଝିଛନ୍ତି। ସରକାର ଛୁଟି ବାତିଲ୍ କରିଥିବା ବେଳେ କେତେ ଜଣ କର୍ମଚାରୀ ଉପସ୍ଥିତ ଅଛନ୍ତି ସେ ବିଷୟରେ ଜାଣିବାକୁ ଚାହିଁଥିଲେ। ପରେ ଅନଲାଇନରେ କେତେ ପାଉତି କଟାଯାଇଛି ସେ ନେଇ ରାଜସ୍ୱ ନିରୀକ୍ଷକମାନଙ୍କୁ ପଚାରିବା ସହ ଅନଲାଇନ ପ୍ରକ୍ରିୟା ଉପରେ ଜୋର୍ ଦେଇଥିଲେ। ସେହିଭଳି ନାମଜାରିଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକମାନଙ୍କୁ ପ୍ରଦାନ କରିବା, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନଙ୍କ ତାଲିକା ପ୍ରସ୍ତୁତି ଓ ସେମାନଙ୍କୁ ଅର୍ଥ ପ୍ରଦାନ ଉପରେ ବକେୟା କାର୍ଯ୍ୟକୁ ଶେଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିକୁ ରାସ୍ତାରେ ଥିବା ଗେଟ୍ ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ କରିବାକୁ ଆରଆଇମାନଙ୍କୁ କହିଥିଲେ। ଏଭଳି ଅଚାନକ ଚଢ଼ାଉକୁ ନେଇ ଖଣି ମାଲିକ, ତହସିଲ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଷ୍ଟେଶନରୁ ନାବାଳକ ଉଦ୍ଧାର

**ରୂପ୍‌ସା,୨୩।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ରେଳ ଷ୍ଟେଶନରୁ ଆର୍‌ପିଏଫ୍ ଥାନା ପୋଲିସ ଗୁରୁବାର ଜଣେ ୧୧ବର୍ଷର ନାବାଳକଙ୍କୁ ଉଦ୍ଧାର କରିଛି। ତାଙ୍କ ଘର ମୟୂରଭଞ୍ଜର ଭଞ୍ଜପୁର ଅଞ୍ଚଳରେ। ସେ ବାରିପଦା-ରୂପ୍‌ସା ପାସେଞ୍ଜର ଟ୍ରେନ୍‌ରେ ଭୁଲବଶତଃ ଚଢ଼ି ଯାଇଥିଲେ। ରୂପ୍‌ସା ଷ୍ଟେଶନର ୩ନମ୍ବର ପ୍ଲାଟଫର୍ମରେ ରାତିରେ ଏକୁଟିଆ ଥିବାର ଆରପିଏଫ୍ ଥାନା ପୋଲିସ ଦେଖି ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ଶୁକ୍ରବାର ଉଦ୍ଧାର ନାବାଳକଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି।

### 'ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆ ନ ଯାଉ'

**ବାଲେଶ୍ୱର ଅଫିସ, ୨୩।୮:** ଚଳିତବର୍ଷ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ଅବିଳମ୍ବେ ଛାତ୍ର ସଂସଦ ନିର୍ବାଚନ କରା ନ ଗଲେ ଏଆଇଡିଏସ୍‌ଓ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ କମିଟିର ସଭାପତି ଗଣେଶ ତ୍ରିପାଠୀ କହିଛନ୍ତି। ସମ୍ପାଦକ ସୁବାସ ନାୟକ, ବାଲେଶ୍ୱର ଜିଲା କମିଟିର ସମ୍ପାଦିକା କ୍ରିଷ୍ଣାରାଣୀ ସାହୁ, ଛାତ୍ରନେତା ପ୍ରଶାନ୍ତ ଦାସ, ଆସମାନ ରାଜ, ଶିବଶଙ୍କର ପଣ୍ଡା, ପ୍ରଭାକର ଖିଲାର, ଜଗବନ୍ଧୁ ପରିଡ଼ା, ତନୁଶ୍ରୀ ସେଠୀ ଓ ସଞ୍ଜୟ ଜେନା ପ୍ରମୁଖ ଏହାକୁ ସମର୍ଥନ କରିଛନ୍ତି।

## ଟ୍ରକ୍‌କୁ ପିଟିଲା ବୋଲେରୋ

# ୭ ଝୋଟକଲ ଶ୍ରମିକ, ଡ୍ରାଇଭର ଆହତ

**ରୂପ୍‌ସା, ୨୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ରାଜଧାନୀ ଢ଼ାବା ନିକଟରେ ଶୁକ୍ରବାର ଏକ ଟ୍ରକ୍ ପଛପଟୁ ଏକ ବୋଲେରୋ (ନଂ. ଓଡ଼ି୦୧ଇ-୯୦୩୨) ଧକ୍କା ଦେବାରୁ ରୂପ୍‌ସା ଝୋଟ କାରଖାନାର ୭ଜଣ ଶ୍ରମିକଙ୍କ ସମେତ ବୋଲେରୋ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଶ୍ରମିକମାନେ ହେଲେ ମୃତ୍ୟୁଞ୍ଜୟ ରଣା, ରାଜେନ୍ଦ୍ର ଦାସ, ନିରଞ୍ଜନ ଦାସ, ସଞ୍ଜୟ ସାହୁ, ଦୀପକ ସାହୁ, ରବୀନ୍ଦ୍ର ନାୟକ ଓ ଦେବେନ୍ଦ୍ର ସିଂହ। ଶ୍ରମିକ ସଂଘର କର୍ମକର୍ତ୍ତା ଓ ଶ୍ରମିକମାନେ ୩ଟି ବୋଲେରୋରେ ସଦର ବିଧାୟକ ମଦନମୋହନ ଦତ୍ତଙ୍କୁ ସଂଘ ପରିଚାଳନା ସମ୍ପର୍କରେ ଆଲୋଚନା ପାଇଁ ସାକ୍ଷାତ କରିବାକୁ ଯାଉଥିଲେ। ଦୁର୍ଘଟଣା ଘଟିବା ପରେ ଆହତମାନଙ୍କୁ ଅନ୍ୟ ଏକ ବୋଲେରୋରେ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ବିଧାୟକ ଦତ୍ତ ମେଡ଼ିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଡ୍ରାଇଭରଙ୍କ ସମେତ ଶ୍ରମିକ ରାଜେନ୍ଦ୍ର ଦାସ ଓ ମୃତ୍ୟୁଞ୍ଜୟ ରଣା ଗୁରୁତର ଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ରୂପ୍‌ସା ଥାନାରେ ରଖାଯାଇଛି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।



ଛାତ୍ରମାନେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଭେଟୁଛନ୍ତି।

# କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ,୨୩।୮**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ, ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ ଓ ଏମ୍‌ଏଡ୍ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପରେ ଶିକ୍ଷକ ଯୋଗ୍ୟତା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ନ ପାରି ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଏ ବିଷୟରେ ଛାତ୍ରୀଛାତ୍ରମାନେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କ ନେତୃତ୍ୱରେ ଛାତ୍ର ପ୍ରତିନିଧି ନିଲେଶ କୁମାର ସ୍ୱାଇଁ, ଭକ୍ତହରି ମିଶ୍ର, ଲକ୍ଷ୍ମୀନାରାୟଣ ନାୟକ ଦିଲ୍ଲୀ ସ୍ଥିତ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶାଙ୍କଙ୍କୁ ଶୁକ୍ରବାର ଅପରାହ୍ଣରେ ଭେଟି ନିଜର ଅସୁବିଧା ଜଣାଇଥିଲେ। ମନ୍ତ୍ରୀ ଏ ବିଷୟକୁ ଗୁରୁତ୍ୱ ଦେଇ ବିଚାର କରିବା ସହ ଯଥାଶୀଘ୍ର ଏହାର ସମାଧାନ ପାଇଁ ଆଶ୍ୱାସନା ଦେଇଛନ୍ତି।

### ସ୍ୱାମୀଙ୍କ ମାଡ଼ରେ ଶାଶୁ ଆହତ, ଥାନାରେ ମାମଲା

**ସଜନାଗଡ଼, ୨୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଗ୍ରାମର ବାସନ୍ତୀ ଦାସ(୫୫)ନାମ୍ନୀ ମହିଳାଙ୍କୁ ତାଙ୍କ ଜ୍ୱାଇଁ ପ୍ରଶାନ୍ତ କୁମାର ନାୟକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୯୫/୧୯) ରୁଜୁ କରାଯାଇଛି।

ଉକ୍ତ ମହିଳାଙ୍କ ଘରେ ନିଜ ଝିଅଜ୍ୱାଇଁ ଗତ ୪ବର୍ଷ ଧରି ରହିଆସୁଥିଲେ। ପ୍ରତିଦିନ ଜ୍ୱାଇଁ ଘରକୁ ଫେରି ନିଜ ସ୍ତ୍ରୀ ସହିତ ପରିବାର ସଦସ୍ୟଙ୍କୁ ମାରଧର କରୁଥିଲେ। ଗୁରୁବାର ସନ୍ଧ୍ୟାରେ ସେ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରୁଥିବା ବେଳେ ଶାଶୁ ବାସନ୍ତୀ ବିରୋଧ କରିବାରୁ ତାଙ୍କୁ ମଧ ମାଡ଼ ମାରି ଗୁରୁତର କରିଦେଇଥିଲେ। ତାଙ୍କୁ ପରିବାର ଲୋକ ଚିକିତ୍ସା ନିମନ୍ତେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏନେଇ ଶୁକ୍ରବାର ଶାଶୁ ବାସନ୍ତୀ ନୀଳଗିରି ଥାନାରେ ଜ୍ୱାଇଁଙ୍କ ନାମରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନା ସବଇନ୍ସପେକ୍ଟର ବାସୁଦେବ ଜୟସିଂହ ଅଭିଯୁକ୍ତ ଜ୍ୱାଇଁଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି।



ସଚେତନତା କର୍ମଶାଳାରେ ଉପସ୍ଥିତ ମହିଳା ଓ ଯୁବତୀ।

# ଏଡ୍‌ସ ସଚେତନତା କର୍ମଶାଳା

**ବାଲେଶ୍ୱର ଅଫିସ,୨୩।୮**

ବାଲେଶ୍ୱର ଜିଲା ଏଡ୍‌ସ ପ୍ରତିରୋଧ ଏବଂ ନିୟନ୍ତ୍ରଣ କକ୍ଷ ତରଫରୁ ଶୁକ୍ରବାର ଜିଲା ନାରୀ ସଂଘଠାରେ ଏକ ନିଃଶୁଳ୍କ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାରୀ ସଂଘର ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଅପର୍ଣ୍ଣା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ଅନ୍ତେବାସିନୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ବେଣୁମାଧବ ଶତପଥୀ, ପ୍ରୋଗ୍ରାମ୍ ମ୍ୟାନେଜର ରଶ୍ମିତା ମହାନ୍ତି, ସୁପରଭାଇଜର୍ ପତିତପାବନ ବାରିକ, ଲ୍ୟାବ୍ ଟେକ୍ନିସିଆନ୍ ସନ୍ତୋଷ ମହନ୍ତ ଉପସ୍ଥିତ ଥିଲେ। ନାରୀ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବାବେଳେ ପ୍ରତିମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ତାରେ ଲଗାତାର ଗାଡ଼ି ଚୋରି

# ଲୁଟେରାଙ୍କ ଟେର୍ ପାଉନି ପୋଲିସ

**ବସ୍ତା, ୨୩।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ ସିରିଜ ଗାଡି ଚୋରି ଜନସାଧାରଣ ଓ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଥାନାରେ ଚୋରିନେଇ ରିପୋର୍ଟ ଲେଖାଯାଉଥିଲେ ମଧ ଏହା କେବଳ ମାମଲାର ସୀମିତ ହୋଇ ରହିଛି। ଲୁଟେରାଙ୍କ କୌଣସି ଟେର ପାଉନ ପୋଲିସ। ଗତ ରବିବାର ରାତିରେ ପେଗରପଡ଼ା ଗ୍ରାମର ତପନ ପାତ୍ରଙ୍କ ଏକ ପିକଅପ ଭ୍ୟାନ(ନଂ.ଓଆର-୦୧-ଏଫ-୫୪୭୪), ସୋମବାର ରାତିରେ ବସ୍ତା ବଜାରର ଲୁଗା ବ୍ୟବସାୟୀ ନବରତ୍ନ ସିକୱାଲଙ୍କ ବାଇକ୍(ନଂ.ଓଡି-୦୧-ଏନ-୨୮୭୩), ମଙ୍ଗଳବାର ରାତିରେ ଦରଡା ଗ୍ରାମର ତପନ ବିଶ୍ୱାଳଙ୍କ ବାଇକ୍(ନଂ.ଓଡି-୦୧-ସି-୭୨୫୧), ବୁଧବାର ରାତିରେ ସେହି ଗ୍ରାମର ବଳରାମ ସେଠୀଙ୍କ ବାଇକ୍(ନଂ.ଓଆର-୦୧ଏଚ-୪୨୭୯) ଚୋରି ହୋଇଛି। ସେହିପରି ଗୁରୁବାର ରାତିରେ ରଣାମୁଣ୍ଡଳୀ ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ବାଇକ(ନଂ.ଓଆର-୦୧-ଜି-୯୭୫୦) ଚୋରି ହୋଇଥିବା ଜଣାଯାଇଛି। ଘର ଭିତରେ ଦୁଇଟି ବାଇକ ଥିବା ବେଳେ ଲୁଟେରାମାନେ ଗ୍ରୀଲ ଭାଙ୍ଗି ଦୁଇଟି ଗାଡି ନେଇ ପଳାଇବାକୁ ଉଦ୍ୟମ କରିଥିବାବେଳେ ଗୋଟିଏ ବାଇକ ନେଇ ନ ପାରି ପଳାଇ ଯାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରତ୍ୟେକ ଦିନ ଏଭଳି ଗାଡି ଚୋରି ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତେବେ ଏସବୁ ବାଇକ ଚୋରି ହୋଇ ପଡୋଶୀ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅନୁମାନ କରାଯାଉଛି।

### ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଅଟକ

**ସଜନାଗଡ଼, ୨୩।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଏନେଇ ଥାନାରେ ମାମଲା (୧୯୭/୧୯) ରୁଜୁ କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତା ଯୁବତୀଙ୍କୁ ଉକ୍ତ ଯୁବକ ଭଲ ପାଇ ଆସୁଥିଲେ। ଏ ସମ୍ପର୍କରେ ପୁଅ ଘର ଲୋକ ଜାଣିବା ପରେ ତାଙ୍କୁ ଅନ୍ୟତ୍ର ବିବାହ କରାଇ ଦେଇଥିଲେ। ଉକ୍ତ ଯୁବକଙ୍କ ସନ୍ତାନଟିଏ ଅଛି। ସେ ବିବାହ ପରେ ମଧ ଉକ୍ତ ଯୁବତୀଙ୍କ ଘରକୁ ଯିବା ଆସିବା ବନ୍ଦ କରି ନ ଥିଲେ। ଯୁବତୀଜଣକ ଏବେ ୬ମାସର ଗର୍ଭବତୀ ଥିବା ଜଣାପଡିବା ପରେ ଯୁବକ ତାଙ୍କୁ ଛାଡ଼ି ଦେଇଥିଲେ। ଯୁବତୀ ତାଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସେ ଧରା ଦେଇ ନ ଥିଲେ। ଗର୍ଭବତୀ ଯୁବତୀ ନିରୁପାୟ ହୋଇ ଶେଷରେ ବାପାଙ୍କୁ ନେଇ ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ନୀଳଗିରି ଆଇଆଇସି ନଳିତା ମୋଦି ଶୁକ୍ରବାର ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି।

## ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ

# ପବ୍ଲିକ ହାଇସ୍କୁଲ, ଜିଲା ସ୍କୁଲ ବିଜୟୀ

**ବାଲେଶ୍ୱର ଅଫିସ,୨୩।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ତୃତୀୟ ଦିନରେ ଜିଲାସ୍ତରୀୟ ଆନ୍ତଃ ସ୍କୁଲ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ପବ୍ଲିକ ହାଇସ୍କୁଲ ଓ ଖ୍ରୀଷ୍ଟିୟାନ ହାଇସ୍କୁଲ ଏବଂ ଦ୍ୱିତୀୟ ମ୍ୟାଚ୍ ଜିଲା ସ୍କୁଲ ଓ ସେଣ୍ଟ ଥମାସ କନଭେଣ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ପବ୍ଲିକ ହାଇସ୍କୁଲ ଏବଂ ଜିଲା ସ୍କୁଲ ବାଲେଶ୍ୱର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ପବ୍ଲିକ ହାଇସ୍କୁଲ ଦଳ ୧-୦ ଗୋଲରେ ଖ୍ରୀଷ୍ଟିୟାନ ହାଇସ୍କୁଲକୁ ହରାଇ ବିଜୟୀ ହୋଇଥିଲେ। ଏହି ଖେଳକୁ ସୁରଜିତ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ନାୟକ, ସୁଦାମ ବୁଗୁଡ଼ାଇ, ପ୍ରଦିପ ଦାସ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜିଲା ସ୍କୁଲ ଟ୍ରାଇବ୍ରେକରରେ ୪-୩ ଗୋଲରେ ସେଣ୍ଟ ଥମାସ କନଭେଣ୍ଟ ସ୍କୁଲକୁ ହରାଇ ବିଜୟୀ ହୋଇଥିଲେ। ଖେଳକୁ ସଲଲ କୁମାର ସିଂ, ସେକ ଅବଦୁଲ ମଜିଦ, ଅଶୋକ କୁମାର ମାନ୍ନା, ଏସ୍ ଫିରଦୋସ ପରିଚାଳନା କରିଥିଲେ। ଲିଗ୍ ମ୍ୟାଚ୍‌ରେ ମ୍ୟୁନିସିପାଲ ହାଇସ୍କୁଲ ଏବଂ ଭିମପୁରା ୟୁଜିଏମ୍‌ଇ ସ୍କୁଲ ଉଭୟ ଗ୍ରୁପ୍‌ରେ ଚାମ୍ପିୟନ ହୋଇ ସୁପରଲିଗ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଜଣାଇଛନ୍ତି।



ମ୍ୟାଚ୍ ପୂର୍ବରୁ ପଡ଼ିଆରେ ଉଭୟ ଦଳର ଖେଳାଳି।

# ଅବକାରୀ ବିଭାଗର ଚଢ଼ାଉ, ୪ ଗିରଫ

**ଖଇରା/ସୋର,୨୩।୮(ଡି.ଏନ.ଏ.)**

ଖଇରା ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାଲେଶ୍ୱର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅବକାରୀ ବିଭାଗର ଅଧୀକ୍ଷକ ଗଜେନ୍ଦ୍ର ଷେଣ୍ଡଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଅବକାରୀ ଅଧିକାରୀ ଉଦୟଲାଲ ନାୟକଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ କୁରୁଣ୍ଟା ଗ୍ରାମର ନାରାୟଣ ମହାରଣାଙ୍କ ଘରୁ ୧୫୦୦ଲିଟର ଗୁଡପୋଚ ଓ ୪୦ଲିଟର ଦେଶୀମଦ ଜବତ କରାଯାଇଛି। ଦିଲୀପ ମହାରଣାଙ୍କଠାରୁ ୭ଲିଟର ଦେଶୀ ଓ ୩ଲିଟର ବିଦେଶୀ ମଦ ଜବତ କରାଯାଇ ସମ୍ପୃକ୍ତ ୨ଜଣଙ୍କୁ ଧରାଯାଇଥିଲା। ସେହିଭଳି ସିମୁଳିଆ ଥାନା ମହମ୍ମଦପୁର ଗ୍ରାମରୁ ବିପୁଳ ପରିମାଣର ମଦ ଜବତ କରାଯିବା ସହ ବିକ୍ରେତା ରମାକାନ୍ତ ସେଠୀ ଏବଂ ଦାମୋଦର ସାହୁଙ୍କୁ ଗିରଫ କରାଯାଇଛି।



ଧରାପଡିଥିବା ଅଭିଯୁକ୍ତଙ୍କ ସହ ଅବକାରୀ ବିଭାଗର ଅଧିକାରୀ।

# ୬ମାସ ହେଲା ଦରମା ପାଇ ନ ଥିବା ଶ୍ରମିକଙ୍କ ବିକ୍ଷୋଭ

**ବାହାନଗା, ୨୩।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡାଠାରେ ଥିବା ଏକ ଚିଙ୍ଗୁଡି କମ୍ପାନୀରେ ଦୁଇ ଠିକାଦାରଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏନେଇ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି। ତେବେ କାମ କରୁଥିବା କେତେକ ଶ୍ରମିକ ୬ମାସ ଧରି ଦରମା ପାଇ ନ ଥିବାରୁ ଗୁରୁବାର କମ୍ପାନୀ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ପାନୀରେ ଅଭିଯୋଗ ହେବା ପରେ ଅଧିକାରୀ ଓ କର୍ମକର୍ତ୍ତାମାନେ ଶ୍ରମିକମାନଙ୍କୁ ଡାକି ବୁଝାଶୁଝା କରି ସମସ୍ୟାର ଆଶୁ ସମାଧାନ କରିଥିଲେ। ପରେ ଶ୍ରମିକମାନଙ୍କୁ କିଛି ଟଙ୍କା ଦେବା ସହିତ ଅବଶିଷ୍ଟ ସମ୍ପୃକ୍ତ ଠିକାଦାରଙ୍କ ସହିତ ଆଲୋଚନା ପରେ ତଦନ୍ତ କରି ସମସ୍ତ ଟଙ୍କା ସୋମବାର ସୁଦ୍ଧା ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ହଟିଥିଲା।

ଖନ୍ତାପଡାଠାରେ ଥିବା ଏକ ଚିଙ୍ଗୁଡି କମ୍ପାନୀରେ ୧୦ରୁ ଉର୍ଦ୍ଧ୍ୱ ଠିକାଦାର କାମ କରୁଛନ୍ତି। ସେମାନେ ସେହି କମ୍ପାନୀରେ ମହିଳା ଓ ପୁରଷ ଶ୍ରମିକଙ୍କୁ କାମରେ ନିୟୋଜିତ କରିଥାନ୍ତି। ଶ୍ରମିକ କାମ କରିବା ନେଇ ଦୁଇ ଠିକାଦାରଙ୍କ ମଧ୍ୟରେ ବିବାଦ ହୋଇଥିଲା। ସେମାନଙ୍କ ମଧ୍ୟରେ ମାରପିଟ୍ ଲାଗି ଖନ୍ତାପଡା ଥାନାରେ ପୃଥକ ଭାବେ ଦୁଇଟି ଅଭିଯୋଗ ହୋଇଥିଲା। ମହିଳା ଠିକାଦାର ନିରୁପମା ଓଝାଙ୍କ ଅଭିଯୋଗ ଅନୟାୟୀ ଥାନାରେ ଏକ ମାମଲା (ନଂ. ୧୫୯/୧୯) ରୁଜୁ ହୋଇଥିବା ବେଳେ ଠିକାଦାର ଦିଲୀପ ଦାସଙ୍କ ଅଭିଯୋଗକୁ ଭିତ୍ତି କରି ନିରୁପମାଙ୍କ ନାମରେ ଅନ୍ୟ ଏକ ମାମଲା(ନଂ.୧୬୦/୧୯) ରୁଜୁ ହୋଇଛି। ତେବେ ନିରୁପମାଙ୍କ ଅଧୀନରେ କାମ କରୁଥିବା ୧୪ଜଣ ମହିଳା ଶ୍ରମିକ ୬ ମାସ ଧରି ଦରମା ପାଇ ନ ଥିବା ଅଭିଯୋଗ କରି ବିକ୍ଷୋଭ କରିଥିଲେ। ଏ ସମ୍ପର୍କରେ ମହିଳା ଠିକାଦାର ନିରୂପମା ଓଝା କହନ୍ତି ମୁଁ କୌଣସି ବେଆଇନ କାମ କରିନାହିଁ। ସେଠାରେ ଯେଉଁ ଶ୍ରମିକମାନେ ବିକ୍ଷୋଭ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୋ ପାଖରେ କାମ କରନ୍ତି ନାହିଁ। ମୋ ପାଖରେ କାମ କରୁଥିବା ଶ୍ରମିକମାନଙ୍କୁ ମୁଁ ଦରମା ଦେଇଛି। ଏହାପରେ କମ୍ପାନୀ ଯେଉଁ ନିଷ୍ପତ୍ତି ନେବ ମୋର କିଛି କହିବାର ନାହିଁ। ଏହି ବିକ୍ଷୋଭରେ ନିତିମାନ ଟିଗିରିଆ, ମାମା ମୁଣ୍ଡା, ମିନୁ ମାଧାକୁଡ,ଜିଞ୍ଜି ସିଂ, ନାନିକା ସିଂ, ନିତିମା ସିଂ, ବାସନ୍ତୀ ସିଂ, ତୁଳସୀ ମୁଣ୍ଡ, ତୁଳସୀ ସିଂ, ପୂଜା ସିଂ, ବାସନ୍ତୀ ସିଂ ପ୍ରମୁଖ।

## ସଂକ୍ଷେପରେ

### ପିସି କାରବାର ନେଇ ଚର୍ଚ୍ଚା

ହାଟଡିହୀ,୨୩।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ପିସି କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ସମ୍ପ୍ରତି ପଞ୍ଚାୟତ ସମିତି ବୈଠକରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ହାଟଡିହୀ ବ୍ଲକକୁ ସମ୍ପୂର୍ଣ୍ଣ ପିସି ମୁକ୍ତ କରିବା ଲାଗି ଗୁରୁତ୍ୱ ଦେଇଥିଲେ। ପିସି କାରବାର ପୂର୍ବଭଳି ଚାଲିଥିବା ଏବଂ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ପୁନଶ୍ଚ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆନନ୍ଦପୁର ବିଧାୟକଙ୍କୁ ପଚାରିବାରୁ ସେ ଘଟଣା ଅନୁଧ୍ୟାନ କରି ଦେଖିବେ ବୋଲି କହିଛନ୍ତି।

### ମୃଣ୍ମୟ ମୂର୍ତ୍ତି ଲାଗି ମାଟି ଉଠିଲା

ଢେଙ୍କିକୋଟ, ୨୩।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ଜନ୍ମାଷ୍ଟମୀ ଅବସରରେ ମା' ଦୁର୍ଗତି ନାଶିନୀ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିପୂଜା ନିମନ୍ତେ ମାଟି ଉଠା ପର୍ବ ପାଳିତ ହୋଇଥିଲା। ପୂର୍ବାହ୍ନ ୮ଟାରେ ପୂଜକ ପଦ୍ମନାଭ ଶତପଥୀଙ୍କ ଦ୍ୱାରା ଯଥାବିଧି ପୂର୍ବକ ପୂଜା ପାଠ କରାଯାଇଥିଲା। କମିଟିର ପୁରୋଧା ତ୍ରୈଲୋଚନ ବେହେରା ସଂକଳ୍ପ କରିଥିଲେ। ପରେ ଉପସ୍ଥିତ ସଦସ୍ୟ ଶୋଭାଯାତ୍ରାରେ ଯାଇ ମାଟି ଉଠାଇ ଆଣିଥିଲେ। କମିଟିର ସଭାପତି ଚିତ୍ତରଞ୍ଜନ ସାହୁ, ଉପଦେଷ୍ଟା ଉତ୍ତମ କୁମାର ନାୟକ, ସମ୍ପାଦକ ଶତ୍ରୁଘ୍ନ ସାହୁ ଏବଂ କୋଷାଧ୍ୟକ୍ଷ ରବି ମହାପାତ୍ର ଉପସ୍ଥିତ ଥିଲେ।

### ନରେନ୍ଦ୍ରଙ୍କ ପରଲୋକ

ଆନନ୍ଦପୁର, ୨୩।୮(ସ୍ୱ.ପ୍ର.)
ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଚିନ୍ଦା ଗ୍ରାମର ନରେନ୍ଦ୍ର ମଲିକ(୬୯)ଙ୍କର ଶୁକ୍ରବାର କଟକରେ ପରଲୋକ ହୋଇ ଯାଇଛି। ସେ ଜଣେ ସମାଜସେବୀ ତଥା ପରୋପକାରୀ ବ୍ୟକ୍ତି ଥିବାରୁ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ନରେନ୍ଦ୍ର ଅସୁସ୍ଥ ଥିବାରୁ କଟକରେ ଚିକିତ୍ସିତ ହେଉଥିଲେ। ସାଂସଦ ପ୍ରତିନିଧି ଦେବପ୍ରିୟ ପାତ୍ର, କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ସଭାପତି ରମାକାନ୍ତ ନାୟକ, ସମାଜସେବୀ ପବିତ୍ର ପେଡା, ନରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳନ

ଯୋଡ଼ା,୨୩।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଅଞ୍ଚଳରେ ଥିବା ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। କୁନ୍ଦୁରୁନାଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଉତ୍ସବକୁ କେନ୍ଦୁଝର ବନବାସୀ କଲ୍ୟାଣ ଆଶ୍ରମର ଜିଲା ସମ୍ପାଦକ ଘନଶ୍ୟାମ ମହାନ୍ତ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବ ଅବସରରେ କୃଷ୍ଣବେଶନ୍, ଅଷ୍ଟାଦଶ ଶ୍ଳୋକ, ଗୀତା ପାଠ, ଚିତ୍ରାଙ୍କନ ଓ ଭଜନ ଗାନ ଆଦି ପ୍ରତିଯୋଗିତା ହୋଇଥିଲା । ମୋଟ ୧୨୦ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଚାରକ ଭାବେ ବସନ୍ତ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଅକ୍ଷୟ ରାଉତ ଉପସ୍ଥିତ ଥିଲେ । ଶେଷରେ ଛାତ୍ରୀଛାତ୍ର କୀର୍ତ୍ତନ ଦଳ ସହ ସହର ପରିକ୍ରମା କରିଥିଲେ । ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯଥାରୀତି ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ସ୍ଥାନୀୟ ଟାଟାସ୍ପଞ୍ଜ ଆନୁକୂଲ୍ୟରେ ପରିଚାଳିତ ବିଦ୍ୟାଶକ୍ତି ବ୍ୟାସ ସଂଗଠନର ସଦସ୍ୟା ଅଞ୍ଜୁ ମିତଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଶ୍ରୀକୃଷ୍ଣଙ୍କ ଲୀଳା ବିଷୟରେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ମୀନା ପ୍ରଧାନ ଓ ରଶ୍ମି ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ୨ ଶିଶୁ ଶ୍ରମିକ ଉଦ୍ଧାର

କପ୍ତିପଦା,୨୩।୮(ଡ଼ି.ଏନ୍.ଏ)-କପ୍ତିପଦା ପୋଲିସ ପକ୍ଷରୁ 'ପରୀ' କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇ ବ୍ଲକ୍ ଅଞ୍ଚଳର ଏକ ପାଉଁରୁଟି କାରଖାନାରେ କାମ କରୁଥିବା ୨ ଜଣ ଶିଶୁ ଶ୍ରମିକଙ୍କୁ କପ୍ତିପଦା ପୋଲିସ ଉଦ୍ଧାର କରିଛି । ଉଦ୍ଧାର ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି । ଚାଇଲ୍ଡଲାଇନ ସହାୟତାରେ ସେମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି । ପରେ ସେମାନଙ୍କୁ ବଡସାହିସ୍ଥିତ ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି ।

# ରେଳ ବିଭାଗ ଅଧୀନ ରାସ୍ତାର ଦୁରବସ୍ଥା

କେନ୍ଦୁଝର,୨୩।୮ (ସ୍ୱ.ପ୍ର.)

ରେଳପଥ ବିକାଶରେ ସହାୟକ ହେଉଥିବା କୁହାଯାଉଥିବା ବେଳେ ରେଳ ବିଭାଗ ଅଧୀନରେ ଥିବା ରାସ୍ତାର ଦୁରବସ୍ଥା ଏକ ଭିନ୍ନ ଚିତ୍ର

- ବର୍ଷା ହେଲେ ପାଣିରେ ବୁଡୁଛି ରାସ୍ତା
- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

ବୟାନ କରୁଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାଦଗଡ଼ ରେଲୱେ ଫାଟକ ଦେଇ ଯାଇଥିବା ପଦ୍ମପୁର-ନୂଆଗାଁ ରାସ୍ତା ରହିଛି। ଏହାର ଅଧାଅଂଶକୁ ପିଚୁ ରାସ୍ତାରେ ପରିଣତ କରାଯାଇଥିଲେ ମଧ୍ୟ ରେଲୱେ ଫାଟକ ନିକଟରେ ଥିବା ୨୦୦ମିଟର ରାସ୍ତା ଅସମ୍ପୂର୍ଣ୍ଣ ରହିଛି।



ରାସ୍ତାରେ ଥିବା ଘୋଷରା ପୋଲ ଉପରେ ଚାଲିଛି ପାଣିର ସୁଅ।

ରେଳବିଭାଗ ଅଧୀନରେ ରାସ୍ତା ଥିବାରୁ ଏହାର ମରାମତି ହୋଇପାରୁ ନାହିଁ । ଉକ୍ତ ରାସ୍ତା ଦେଇଯିବା ବେଳେ ପଡେ ଏକ ଛୋଟ ଘୋସରା ପୋଲ। ବର୍ଷା ହେଲେ ରେଲୱେ ଫାଟକ ନିକଟରେ ଥିବା ଏହି ପୋଲ ଉପରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହୋଇଥାଏ। ଫଳରେ ରାସ୍ତାରେ ଯାତାୟାତ ଠପ୍ ହୋଇଯାଏ। ରାସ୍ତା ଦେଇ ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଜନସାଧାରଣ ବହୁ ହଇରାଣ ହୋଇଥାନ୍ତି । ଏ ପରିକି ୧୦୮ ଆମ୍ବୁଲାନ୍ସ ସମେତ ସରକାରୀ ଓ ବେସରକାରୀ ଯାନବାହନ ଚଳାଚଳ ବ୍ୟାହତ ହୋଇଥାଏ। ନୂଆଗାଁ ବ୍ୟତୀତ ମହାଦେଇଯୋଡ଼ା, ରାଇସୁଆଁ, ବରଦାପାଳ, ଫୁଲଝର, ପଦ୍ମପୁର, ଗୋବର୍ଦ୍ଧନ, ଶଙ୍କିରୀ, ବାଉରୀପଦା, ଗୋପୀନାଥପୁର, ପଳାଶପଙ୍ଗା, ପର୍ଜନପୁର,କାଉଁରୀକଳା ଆଦି ୧୨ ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରି ଚଳାଚଳ କରିଥାନ୍ତି । ଏଥିଲାଗି ଅଞ୍ଚଳବାସୀ ବହୁବାର କେନ୍ଦୁଝର ଜିଲା ପ୍ରଶାସନ ଓ ରେଳବିଭାଗ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏହାର କିଛି ପ୍ରତିକାର ହେଉ ନ ଥିବା ଅଭିଯୋଗ କରିଛନ୍ତି।

# ସ୍ୱାଗତ କାର୍ଯ୍ୟକ୍ରମରୁ ବାରି ହେଲା ଗୋଷ୍ଠୀକନ୍ଦଳ

ବଡବିଲ, ୨୩।୮(ସ୍ୱ.ପ୍ର.)

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ଗୁରୁବାର କେନ୍ଦୁଝର ଜିଲା ବଡବିଲକୁ ଦିନିକିଆ ଗସ୍ତରେ ଆସିଥିବା ବେଳେ ଭଦ୍ରାସାହି ଓ ଗୋପବନ୍ଧୁ ଛକ ନିକଟରେ ବିଜେଡି କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ଲାଗି ଅପେକ୍ଷା କରି ରହିଥିଲେ। ଗୋପବନ୍ଧୁ ଛକ ନିକଟରେ ବିଜେଡି ବଡବିଲ ନଗର କର୍ମକର୍ତ୍ତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ମନ୍ତ୍ରୀ ଭଦ୍ରାସାହି ଛକରେ ନ ଅଟକି ସିଧାସଳଖ ଗୋପବନ୍ଧୁ ଛକକୁ ଚାଲି ଆସିଥିଲେ। ଏଣୁ ଭଦ୍ରାସାହି ଛକରେ ଅପେକ୍ଷାରତ କର୍ମୀ ନିରାଶ ହୋଇଥିବା କୁହାଯାଉଛି। ସେହିପରି ସନାତନ ମହାକୁଡଙ୍କ ସମର୍ଥିତ ବିଜେଡି ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କିନ୍ତୁ ସନାତନଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ ମଧ୍ୟ ସେମାନେ ଦଳୀୟ ପତାକା ଧରି ନ ଥିବା ଦେଖାଯାଇଥିଲା, ଯାହା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ବିଜେଡିରେ ୩ ଗୋଷ୍ଠୀ କାର୍ଯ୍ୟ କରୁଥିବା ଏବଂ ଦଳରେ ଫାଟ ସୃଷ୍ଟି ହୋଇଥିବା ନେଇ ଆଲୋଚନା ହେଉଛି।

# ଚୋରି ଗାଡ଼ି ଉଦ୍ଧାର, ଯୁବକ ଗିରଫ

ବାହାନଗା,୨୩।୮(ଡି.ଏନ.ଏ.)

ବାହାନଗା ବ୍ଲକ ଗୋପାଳପୁର ଫାଣ୍ଡି ପୋଲିସ ଏକ ଚୋରି ଗାଡି ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କୁ ସହଦେବଖୁଣ୍ଟା ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଗୋପାଳପୁର ଫାଣ୍ଡି ପୋଲିସ ଗୁରୁବାର ମଦନାପୁର ଗ୍ରାମରେ ଚଢାଉ କରି ପ୍ରଦୀପ କୁମାର ମଲିକଙ୍କୁ ଗିରଫ କରିଥିଲେ। ତାଙ୍କ ଘର ନିକଟରୁ ଚୋରି ଗାଡି ଉଦ୍ଧାର କରାଯାଇଛି। ଚଢାଉ ବେଳେ ତାଙ୍କ ସହିତ ଥିବା ତାଙ୍କ ସାଥି ସୁଶାନ୍ତ ମଲିକଙ୍କ ପୋଲିସକୁ ଦେଖି ଖସି ପଳାଇଥିଲେ । ପୋଲିସ ଜବତ ଗାଡି ସହିତ ପ୍ରଦୀପଙ୍କୁ ଆଣି ପଚରାଉଚରା କରିବା ପରେ ସମସ୍ତ ବିଷୟ ଜଣାପଡିଥିଲା। ଚୋରି ଗାଡି ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି।

# ଫୁଟବଲ ଟୁର୍ନାମେଣ୍ଟ: ମା' ହିଙ୍ଗୁଳାଇ କ୍ଲବ ବିଜେତା



ମନ୍ତ୍ରୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

ତେଲକୋଇ,୨୩।୮(ଡିଏନଏ)-

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ପଡାଙ୍ଗ ପଞ୍ଚାୟତ୍‌ର ନିପିଣ୍ଡା ଗ୍ରାମ ଖେଳପଡିଆରେ ଚାଲିଥିବା ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଉଦ୍‌ଯାପନ ଉତ୍ସବରେ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ , ଏମ.ପି ଚନ୍ଦ୍ରାଣୀ ମୁର୍ମୁ ଓ ବ୍ଲକ ଅଧ୍ୟକ୍ଷ ମମତା ଦେହୁରୀ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ମା' ହିଙ୍ଗୁଳାଇ କ୍ଲବ ସମେତ ଅନ୍ୟ କୃତୀ ପ୍ରତିଯୋଗୀ ଦଳ ଓ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ଏପରି କି ବିଜେତା ଦଳକୁ ଟ୍ରଫି ସହିତ ଖାସି ଉପହାର ଦିଆଯାଇଥିଲା। ଆୟୋଜକ ନିପିଣ୍ଡା ଗ୍ରାମର କାର୍ତ୍ତିକେଶ୍ୱର ଯୁବକ ସଂଘ ପକ୍ଷରୁ ୪୨ଫୁଟବଲ ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା। କେନ୍ଦୁଝର ଓ ଢେଙ୍କାନାଳ ଜିଲାର ଫୁଟବଲ ଖେଳାଳୀ ଏଥିରେ ଭାଗ ନେଇଥିଲେ । ରେଫରୀ ଭାବେ ହୃଷିକେଷ ମହାନ୍ତ ଖେଳ ପରିଚାଳନା କରିଥିଲେ ।

## ବାଲିଉଠା ଉତ୍ସବ ପ୍ରସ୍ତୁତି

କେନ୍ଦୁଝର, ୨୩।୮ (ସ୍ୱ.ପ୍ର.)

କୁଡୁମି ଜାତିର ଅନ୍ୟତମ ଗଣପର୍ବ ଦେଶ୍ କରମ୍ ପରବ୍ ବାଲିଉଠା ଉତ୍ସବ ଚଳିତ ବର୍ଷ ମୟୂରଭଞ୍ଜ ଜିଲାର ଯଶୀପୁର ମାହାର୍ଦ୍ଦାପଲସାଠାରେ ଆସନ୍ତା ୩ ତାରିଖରେ ପାଳିତ ହେବ। ଏହା ୭ ଦିନ ଧରି ଚାଲିବ । ଏଥିପାଇଁ କରମତୀର୍ଥ ପାଟଣା ବ୍ଲକ ଧାନବେଣୀଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ବିଦ୍ୟାଧର ମହାନ୍ତ ସଭା ପରିଚାଳନା କରିଥିଲେ । ବାଲିଉଠା ଉତ୍ସବରେ ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଜନସମାଗମ ହେବାର ଥିବାରୁ ଏହାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ସଂସ୍କୃତିବିତ୍ ଡା. ପ୍ରତାପ ଚନ୍ଦ୍ର ମହାନ୍ତ ଗୁରୁତ୍ୱାରୋପ କରିଥିଲେ । ଖଗେଶ୍ୱର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆଖପାଖ ଅଞ୍ଚଳର ବହୁ ମହିଳାପୁରୁଷ ଯୋଗ ଦେଇଥିଲେ। ଶେଷରେ ହଳଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟୋଗୀ ତାଲିମ୍ କର୍ମଶାଳା



ଆନନ୍ଦପୁର,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକରେ ୧୨ ଦିନିଆ ଉଦ୍ୟୋଗୀ କର୍ମଶାଳା ଆରମ୍ଭ ହୋଇଛି। ଘସିପୁରା ବ୍ଲକ ଶିଳ୍ପ ଅଧିକାରୀ ସ୍ୱାଗତିକା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା ଶିଳ୍ପ ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ଜିଲା ଏଲଡିଏମ ମନୋଜ କୁମାର ଶାସିନୀ, ବ୍ୟାଙ୍କ ଅଫ ଇଣ୍ଡିଆର କୋଅର୍ଡିନେଟର୍ ପୀତବାସ ମହାପାତ୍ର, କେନ୍ଦୁଝର ସଦର ଶିଳ୍ପ ବିକାଶ ଅଧିକାରୀ ଭାଗବତ ସୋରେନ, ଆନନ୍ଦପୁର ବ୍ଲକ ଶିଳ୍ପ ବିକାଶ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଘସିପୁରା ବ୍ଲକର ୪୦ ଯୁବତୀ ଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ।

# ରାଧାକୃଷ୍ଣ ବେଶ ଓ ନୃତ୍ୟଗୀତ ପ୍ରତିଯୋଗିତା

ଚମ୍ପୁଆ,୨୩।୮(ଡି.ଏନ.ଏ)

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ରାଧାକୃଷ୍ଣ ବେଶ ଓ ନୃତ୍ୟଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଣ୍ଡୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ସମ୍ପାଦକ ଗଙ୍ଗାଧର କର ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ, ସରୋଜ ପାତ୍ର, ପ୍ରତାପ ମହାନ୍ତ, ଲକ୍ଷ୍ମୀ କୁମାରୀ ପ୍ରଧାନ ପ୍ରମୁଖ ସଭା ପରିଚାଳନା କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଗିରିଶ ଚନ୍ଦ୍ର ମହାନ୍ତ, ବିଜୟଲକ୍ଷ୍ମୀ ମହାକୁଡ, ରତ୍ନମଣୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ୫୩ ଛାତ୍ରୀ ଛାତ୍ର ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ସ୍ୱଚ୍ଛ ପରିବେଶ ଅଭିଯାନ

ବାରିପଦା ଅଫିସ,୨୩।୮

ରାଣୀଭୋଳ ଇଣ୍ଟରେକ୍ଟ କ୍ଲବର ଶିଶୁ ସଦସ୍ୟାମାନଙ୍କ ଦ୍ୱାରା ସ୍ୱଚ୍ଛ ପରିବେଶ ଅଭିଯାନ ଲକ୍ଷ୍ମୀପୋଷି ସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ କ୍ଲବର ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷକ ରୋଟାରିଆନ କମଳାକାନ୍ତ ପ୍ରହରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିମା ମୁର୍ମୁ, ସୁମନ୍ତଲତା ସିଂ,ସଙ୍ଗୀତା ହେମ୍ବ୍ରମ, ଶିବାନୀ ସିଂ, ଲିପସା ନାଏକ, ସୋନିତା ସୋରେନ, ସାରଥି ମୁର୍ମୁ, ସାକର ହାଁସଦା, ଶକୁନ୍ତଳା ଟୁଡୁ, ସଲମା ମୁର୍ମୁ, ଲକ୍ଷ୍ମୀ ହାଁସଦା, ଶୁଭସ୍ମିତା ଟୁଡୁ, ରସମୁନି ମାରାଣ୍ଡି, ରୂପାଲି ମୁର୍ମୁ, ଲକ୍ଷ୍ମୀ ସୋରେନ, ଲକ୍ଷ୍ମୀମଣି ବାସ୍କେ, ସୀତା ମାରାଣ୍ଡି, ଫୁଲମଣି ହେମ୍ବ୍ରମ, ସାବିତ୍ରୀ ମାଝି, ଅରଣ୍ୟ ସେଠୀ, ଆଲିଶା ବେହେରା, ସ୍ନେହଲତା ମାରାଣ୍ଡି, ଲକ୍ଷ୍ମୀ ମୁର୍ମୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରୋଟାରିଆନ ରାମଚନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ସୁପ୍ରଭା ବେରା, ଶିକ୍ଷକ ଦୀପକ ସେଠୀ, ନରେନ୍ଦ୍ର ଦାସ, ରୋଟାରୀ କ୍ଲବର ପୂର୍ବତନ ସଭାପତି ମନୋଜ ଦଳବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀ ଓ ଅନ୍ୟମାନେ।

# ନବ ନିଯୁକ୍ତ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସମର୍ଥକମାନେ ଦେବାଶିଷଙ୍କୁ ପାଛୋଟି ନେଉଛନ୍ତି।

ବାରିପଦା ଅଫିସ,୨୩।୮

ମୟୂରଭଞ୍ଜ ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇବା ସହ ଶୁକ୍ରବାର ବାରିପଦା ଫେରିଛନ୍ତି। ଏହି ଅବସରରେ ତାଙ୍କ ସମର୍ଥକ ଦଳୀୟ ଯୁବ ଛାତ୍ର କର୍ମୀମାନେ ପାଲବଣୀ ବାଏପାସ ଛକରୁ ଏକ ବିଶାଳ ମୋଟର ସାଇକଲ ରାଲିରେ ତାଙ୍କୁ ପାଛୋଟି ଆଣିଥିଲେ। ଷ୍ଟେସନ ବଜାର, କେସି ସର୍କଲ, ଟ୍ରାଫିକ ଛକ ଦେଇ ଦେବାଶିଷ ବିଜୁ ପଟ୍ଟନାୟକ ଗୋଲେଇ ଛକରେ ପହଞ୍ଚିବା ପରେ ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଏହାପରେ ବିଜୁ ଭବନ ତଥା ଜିଲା ବିଜେଡି କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟକ ବାସନ୍ତି ହେମ୍ବ୍ରମ, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଏସଡିସି ଚେୟାରମ୍ୟାନ ଦେବାଶିଷ ମାରାଣ୍ଡି ପ୍ରମୁଖ ଦେବାଶିଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଛାତ୍ର ନେତା ସେଖ ଅବଦୁଲ ହବିବ ମୋଟର ସାଇକଲ ରାଲିର ନେତୃତ୍ୱ ନେଇଥିଲେ। ସୁନିଲ ନାୟକ, ଶଙ୍କର୍ଷଣ ପଣ୍ଡା,ଭବାନୀ ଶଙ୍କର ଧଡା, ସଚିନ ମହାପାତ୍ର, ଯୁବ ନେତା ଅରୁଣ ବରାଡ, ବିରଞ୍ଚି ମହାପାତ୍ର, ମହିଳା ଜିଲା ସଭାନେତ୍ରୀ ବିଣାପାଣି ସାହୁ, ଶ୍ରାବଣୀ ଦାସ, ଗିତାରାଣୀ ବେହେରା, ସବିତା ବେହେରା, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କାଉନସିଲର ଦେବାଶିଷ ଦାସ, ଦେବାଶିଷ ପାତ୍ର, ଜନ ମହାନ୍ତି, ସରୋଜ ମହାପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ଅନନ୍ତ ଦାସ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ଦେବାଶିଷ କହିଛନ୍ତି ଯେ, ଦଳ ତାଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ପଦବୀ ଦେଇ ସମଗ୍ର ରାଜ୍ୟର ସେବା କରିବା ପାଇଁ ସୁଯୋଗ ଦେଇଛି। ଯେଉଁ ଭରସା ନେଇ ତାଙ୍କୁ ଏହି ପଦବୀ ପ୍ରଦାନ କରାଯାଇଛି ସେ ଏହାକୁ ଠିକ ଭାବେ ତୁଲାଇବେ ବୋଲି ମଧ୍ୟ କହିଛନ୍ତି।

## ସୁକନ୍ୟା ସାହିତ୍ୟ ସଂସଦର କବିତା ଦରବାର

ବାଲିଆପାଳ, ୨୩।୮(ଡି.ଏନ.ଏ.)- ବାଲିଆପାଳ ସୁକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ବ୍ଲକ ଛକ ଏସକେଜି ସାରସ୍ୱତ ଟ୍ରଷ୍ଟ ପରିସରରେ ଶୁକ୍ରବାର କବିତା ଦରବାର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ପାଲାଗାୟକ ତଥା ଜଗାଇ କଲେଜ ଓଡିଆ ଭାଷା ସାହିତ୍ୟ ବରିଷ୍ଠ ଅଧ୍ୟାପକ ଦୟାନିଧି ସାହୁ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କବିତାର ସ୍ୱରୂପ, ଭାବଭଙ୍ଗୀ, ଅଳଙ୍କାର ଛନ୍ଦ ଓ ବର୍ଣ୍ଣନା ଶୈଳୀ ଉପରେ ଆଲୋଚନା କରିଥିଲେ। କବିତାର କ୍ରମ ବିକାଶ ସମ୍ପର୍କରେ ମଧ୍ୟ ସେ ସମ୍ୟକ ଆଲୋଚନା କରିଥିଲେ । କବୟିତ୍ରୀ ଶାନ୍ତିଲତା ପଣ୍ଡା, ଡ.ରଶ୍ମିତା ପାଣିଗ୍ରାହୀ, ଅଧ୍ୟାପକ ସୁକାନ୍ତ କୁମାର ଗିରି, ବର୍ଷିୟାନ କବି ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ, ବରିଷ୍ଠ କବି ରମେଶ ଚନ୍ଦ୍ର ପ୍ରଧାନ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ । କବିୟତ୍ରୀ ଅଞ୍ଜଳି ଶତପଥୀ, ଡ.ରଶ୍ମିତା ପାଣିଗ୍ରାହୀ, ଅସିତ କୁମାର ପଣ୍ଡା, ନଳିନୀକାନ୍ତ ପାଢୀ, ଅଧ୍ୟାପକ ନିରଞ୍ଜନ ବେହେରା, ଭୀମଚରଣ ବେହେରା, ସନ୍ନ୍ୟାସୀ ବେହେରା, ବିଜୟ ପାତ୍ର, ରମାନାଥ କର, ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ସମ୍ପାଦକ ମନ୍ମଥ ପାତ୍ର ପ୍ରମୁଖ କବିତା ଦରବାରରେ ସ୍ୱରଚିତ କବିତା ପାଠ କରିଥିଲେ । କବିୟତ୍ରୀ ସ୍ନେହଲତା ନାୟକ ଦରବାରକୁ ସଞ୍ଚାଳନା କରିଥିବା ବେଳେ ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ କବିତା ଦରବାରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସୁମତୀ ସାହୁ, ମାମୁନି ଜେନା, ବିନୋଦୀ ଭୂୟାଁ, ସୁଜାତା ଦାସ, ଡ.କୃଷ୍ଣାକୁମାରୀ ନାୟକ, ପୂର୍ଣ୍ଣିମା ସାହୁ, ମଞ୍ଜୁଲତା ଦାସ ପ୍ରମୁଖ ଏହି ଅବସରରେ ଦରବାରରେ ସ୍ୱରଚିତ କବିତା ପାଠ କରିଥିଲେ । ସୁରଥ ନନ୍ଦୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ ତାଲିମ କର୍ମଶାଳା

ବାରିପଦା ଅଫିସ,୨୩।୮

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଡିଏସ୍ଏସ୍ (ଡିସିସନ୍ ସପୋର୍ଟ ସିଷ୍ଟମ) ପୋର୍ଟାଲ ସମ୍ପର୍କୀତ ଏକ ଜିଲାସ୍ତରୀୟ ଦିନିକିଆ ତାଲିମ କର୍ମଶାଳା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।

ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କର୍ମଶାଳାରେ ଜିଲାପାଳ ବିନୀତ ଭରଦ୍ୱାଜ୍, ଅତିରିକ୍ତ ଜିଲାପାଳ(ରାଜସ୍ୱ) ବ୍ରଜବନ୍ଧୁ ଭୋଳ, ସହକାରୀ ଜିଲାପାଳ ଭୁବନେଶ ଦେବୀଦାସ ପାଟିଲ୍, ଉଦଳା ଉପଜିଲାପାଳ ଭଗବାନ ବେହେରା, ରାଇରଙ୍ଗପୁର ଉପଜିଲାପାଳ ପରମାନନ୍ଦ ବେହେରା, ରାଜ୍ୟ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ଡିଏସ୍ଏସ୍ ପ୍ରୋଜେକ୍ଟ ମ୍ୟାନେଜର ତଥା ରିସୋର୍ସ ପର୍ସନ୍ କିଶୋର ସାହୁ ଓ ଶୁଭ୍ରଜିତ ପୃଷ୍ଟି ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଭରଦ୍ୱାଜ୍ ସରକାରଙ୍କ ନିୟମ ନିର୍ଦ୍ଦେଶାବଳୀ ଆଧାରିତ ଡିଏସ୍ଏସ୍ ପୋର୍ଟାଲ କାର୍ଯ୍ୟନ୍ୱୟନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାର ସମସ୍ତ ବ୍ଲକ, ତହସିଲସ୍ତରରେ ବିପର୍ଯ୍ୟୟର ସୁପରିଚାଳନା ପାଇଁ ଡିଏସ୍ଏସ୍ ପୋର୍ଟାଲରେ ସବିଶେଷ ତଥ୍ୟ ଡିଜିଟାଇଜେସନ୍ ମାଧ୍ୟମରେ ଆପ୍‌ଲୋଡ୍ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ଫେସିଲେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଜିଲାର ସମସ୍ତ ବିଡିଓ, ତହସିଲଦାର ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ଓ କମ୍ପ୍ୟୁଟର ଡାଟାଏଣ୍ଟ୍ରି ପ୍ରୋଗ୍ରାମରମାନେ ଯୋଗଦେଇ ତାଲିମ ଦେଇଥିଲେ। ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି କର୍ମଶାଳାକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକଳ୍ପ ଅଧିକାରୀ (ଜିଲା ଜରୁରୀ) ଦେବଦତ୍ତ ସେଠୀ ଓ ଜିଲା ଜରୁରୀ କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

